

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୨ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 22 JANUARY 2024

Vol.No. 35 ■ No.22 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅଯୋଧାରେ 'ତ୍ରେତୟା ଯୁଗ'ର ଭ୍ରମ

## ମନ୍ଦିରରେ ଉପସ୍ଥିତ ରହିବେ ୭୦୦୦ ଭିଆଇପି



ନୂଆଦିଲ୍ଲୀ, ୨୧/୧ : ଆଉ ମାତ୍ର କେଇ ଘଂଟାର ଅପେକ୍ଷା । ରାତି ପାହିଲେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ସେଥିପାଇଁ ସାଧୁ, ସନ୍ଥ ଓ ଭକ୍ତଙ୍କ ଗହଳଚହଳରେ ଚଳଚଂଚଳ ଅଯୋଧା ନଗର । ସୁନ୍ଦର ଆଲୋକମାଳାରେ ଝଲସୁଛି ରାମ ମନ୍ଦିର । କ୍ୱିଂଟାଲ କ୍ୱିଂଟାଲ ଫୁଲରେ ସଜେଇ ହୋଇଛି ଅଯୋଧା । ଲାଗୁଛି ତ୍ରେତୟା ଯୁଗକୁ ଫେରିଯାଇଛି ରାମ ନଗରୀ । ଭକ୍ତିମୟ ପରିବେଶରେ ସମସ୍ତଙ୍କ ଅପେକ୍ଷା ସେହି ମାହେନ୍ଦ୍ର ବେଳାକୁ । ଝଲସୁଛି ରାମଙ୍କ ନଗରୀ ଅଯୋଧା । ବିରାଜମାନ କରିବେ ରାମଲାଲା । ଭକ୍ତଙ୍କ ସୁଅ ଛୁଟୁଛି । ସାଧୁ ସନ୍ଥ ମେଳି ବାନ୍ଧୁଛନ୍ତି । ରାତି ପାହିଲେ ଅଯୋଧରେ ହେବ ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା । ଏଥିପାଇଁ ରାମ ମୟ ହୋଇଛି ସାରା ଦେଶ, ରାମ ମୟ ହୋଇଛି ଅଯୋଧା । ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା ପାଇଁ ଭବ୍ୟ ମନ୍ଦିର ପ୍ରସ୍ତୁତ ହୋଇ ରହିଛି । ଅଯୋଧା ସହିତ ପୁରା ଦେଶରେ ଖାଲି ରାମ ହିଁ ରାମ । କୋଟି କୋଟି ଭକ୍ତଙ୍କ ଅପେକ୍ଷା ସେହି ଆସନ୍ତାକାଲିକୁ । ବହୁପ୍ରତୀକ୍ଷିତ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଆଜି ମନ୍ଦିର

▶▶ପୃଷ୍ଠା ୭

## ରାମମନ୍ଦିର ଉଦଘାଟନ ପାଇଁ ପଶ୍ଚିମବଙ୍ଗରେ ହେବନି ଛୁଟି !

କୋଲକାତା, ୨୧/୦୧ : ଜାନୁୟାରୀ ୨୨ରେ ଅଯୋଧାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଦିନ ଦେଶର ଅନେକ ରାଜ୍ୟରେ ଛୁଟି ଘୋଷଣା ହୋଇଛି । ଅନେକ ବଡବଡ ସଂସ୍ଥା ମଧ ଛୁଟି ରହିବ । ଏହାକୁ ନେଇ ପଶ୍ଚିମବଙ୍ଗ ବିଜେପି ପକ୍ଷରୁ ରାଜ୍ୟରେ ଛୁଟି ଘୋଷଣା ପାଇଁ ଦାବି ହୋଇଥିଲା । କିନ୍ତୁ ସରକାର ଏହା ଉପରେ ନିରବ ରହିଛନ୍ତି । ଏହା ଭିତରେ ରାଜ୍ୟ ସଚିବାଳୟର ଜଣେ ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ, ଛୁଟି ସମ୍ପର୍କରେ କୌଣସି ନିର୍ଦ୍ଦେଶ ମିଳିନାହିଁ । ରାଜ୍ୟ ବିଜେପି ସଭାପତି ସୁକାନ୍ତ ମଜୁମଦାର ନିକଟରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପତ୍ର ଲେଖି କାଲି ଛୁଟି ଘୋଷଣା କରିବାକୁ ଦାବି କରିଥିଲେ ।

## ତେଜୁଛି ମହାଲମାଣ୍ଡା ବିବାଦ



ଭୁବନେଶ୍ୱର, ୨୧/୧ (ନି.ପ୍ର): କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ମାହଲମାଣ୍ଡା ବିବାଦ ପ୍ରସଙ୍ଗରେ ପୁଣି ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କଲେ କେନ୍ଦ୍ର ମନ୍ତ୍ରୀ । ରାଜ୍ୟ ସରକାରଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟାର୍ଗେଟ୍ କରି ପୁଣି ଆଜି ବର୍ଷିଛନ୍ତି । ସେ କହିଛନ୍ତି, ଯେଉଁମାନେ ପାରଦର୍ଶିତାର ଡିଣ୍ଡିମ ପିଟୁଛନ୍ତି, ତାଙ୍କୁ ଉତ୍ତର ଦେବାକୁ ପଡ଼ିବ। ୨୦ ହଜାର ଚାକିରି ନିଯୁକ୍ତି ବେଳେ କାହିଁକି ଏ ଅବ୍ୟବସ୍ଥା ହେଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଏହା ସହିତ ସେ ଆହୁରି କହିଛନ୍ତି ଯେ, କିଛି ବନ୍ଧୁ ଭାରତ ସରକାରଙ୍କ ଏକ ପିଏସୟୁ ଏହି ପରୀକ୍ଷା କରିଛି କହୁଛନ୍ତି । ମୁଁ ସ୍ପଷ୍ଟ କରୁଛି, ଭାରତ ସରକାରଙ୍କ ପରୀକ୍ଷା ଏଜେନ୍ସି ହେଲା ଏନଟିଏ। କାହା ପାଖରେ କିଛି ଭୁଲ ଖବର ଥିବ ମୁଁ କିଛି କହିବାକୁ ଚାହୁଁନି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ବଳରେ ଏନଟିଏ ସଂସ୍ଥା ତିଆରି କରାଯାଇଛି ବୋଲି ସେ ଦୃଢ଼ୋକ୍ତି ବାଢ଼ିଛନ୍ତି । ଖାଲି ଏତିକି ନୁହେଁ, ସେ ଆହୁରି କହିଛନ୍ତି ଏଡିସିଲର କାମ ନୁହେଁ ଇଣ୍ଟରଭିଉ ଆଦି କାର୍ଯ୍ୟ କରିବା । ପୂର୍ବରୁ ଏଡିସିଲକୁ ନେଇ ଅଭିଯୋଗ ଆସିଥିଲା, କାର୍ଯ୍ୟାନୁଷ୍ଠାନ ନେଇଥିଲି । ଏଡିସିଲ୍‌ର ବାହାନା ନେଇ ଓଡ଼ିଆ ପିଲାଙ୍କ ନିଯୁକ୍ତିର ଅସ୍ପଷ୍ଟତା ନ ରହୁ । ଏଏସଓ ପରୀକ୍ଷାରେ କ'ଣ ହେଲା ସେତେବେଳେ ତ ଏଡିସିଲ ନ ଥିଲା । ଚାକିରି ପାଇଁ ପରୀକ୍ଷା କଲ, ପରୀକ୍ଷା ପରେ ସର୍ତ୍ତ ବଦଳାଇ ଦେଇ ଚଞ୍ଚକତା ବୋଲି କହନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓପିଏସି ଅଧିକାରୀମାନଙ୍କ ଦୁର୍ନୀତି ଧରାପଡ଼ିଲା, ଦଣ୍ଡର ବାହାନା କଲ । ମୁଁ ଏବେ ଶୁଣୁଛି ପୁନଃ ନିଯୁକ୍ତି ପ୍ରମୋସନ ଦିଆଯାଇଛି । ତେଣୁ ଓଡ଼ିଆ ପିଲାମାନଙ୍କ ସ୍ୱାର୍ଥ ସାଙ୍ଗରେ କେହି ନ ଖେଳିବା ଉଚିତ ବୋଲି ଧର୍ମେନ୍ଦ୍ର ସିଧା ସିଧା କହିଛନ୍ତି ।

## ମଣିପୁରରେ ବଙ୍କର ଧ୍ୱସ୍ତ, ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ

ଇମ୍ଫାଲ, ୨୧/୧ (ନି.ପ୍ର): ମଣିପୁରରୁ ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ କରାଯାଇଛି । ମଣିପୁର ପୋଲିସ, ମଣିପୁର ରାଇଫଲ୍ସ, ଆସାମ ରାଇଫଲ୍ସ, ବିଏସଏଫ ତଥା ଭାରତୀୟ ସେନା ପକ୍ଷରୁ କରାଯାଇଥିବା ଅଭିଯାନରେ ଦୁଇଟି ବଙ୍କର ଧ୍ୱସ୍ତ କରାଯାଇଥିବା ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ କରାଯାଇଛି । ମଣିପୁର ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ ଲିମାଖୋଙ୍ଗ, କାଙ୍ଗପୋକପିରେ ଦୁଇଟି ବଙ୍କର ନଷ୍ଟ କରାଯାଇଥିବା ଦୁଇଟି ଗନ୍, ପିସ୍ତଲ, ରିଭଲଭର, ଗୋଳା ବାରୁଦ, ଗ୍ରେନେଡ ଡିଟୋନେଟର ଜବତ କରାଯାଇଛି ।

## କଶ୍ମୀର ଘାଟିରେ ଶୁଷ୍କ ପାଗ ସାଙ୍ଗକୁ ଥଣ୍ଡା ଜାରି

ଶ୍ରୀନଗର, ୨୧/୧ (ନି.ପ୍ର): କଶ୍ମୀର ଘାଟିରେ ଶୁଷ୍କ ପାଗ ଓ ଥଣ୍ଡା ଜାରି ରହିଛି । ଏହାରି ଭିତରେ ତାପମାତ୍ରା ଲଗାତର ଭାବେ ଖସିବାରେ ଲାଗିଛି । ରବିବାର ଶ୍ରୀନଗରରେ ତାପମାତ୍ରା ୪.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ପହଲଗାମ ଓ କୋନିବଲରେ ରବିବାର ୬.୫ ଡିଗ୍ରୀ ସେଲସିୟସ ସହିତ ସବୁଠୁ ଥଣ୍ଡା ସ୍ଥାନ ରହିଛି । କଶ୍ମୀର ଘାଟିରେ ଶୁଷ୍କ ପାଗ କାରଣରୁ ଦିନ ଗରମ ଓ ରାତି ଥଣ୍ଡା ରହିଛି । ଜାନୁୟାରୀ ୨୪ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଜାନୁୟାରୀ ୨୫ ଓ ୨୬ରେ ଅଧିକାଂଶ ସ୍ଥାନରେ ବାଦଲ ଛାଇରହିବା ସହ ବିଭିନ୍ନ ସ୍ଥାନରେ ବରଫପାତ ହେବାର ସମ୍ଭାବନା ରହିଛି । ପାଣିପାଗ ପକ୍ଷରୁ କୁହାଯାଇଛି ଯେ, ଜାନୁୟାରୀ ୨୯ରୁ ୩୧ ଯାଏ କିଛି ସ୍ଥାନରେ ହାଲୁକାରୁ ମଧମ ବର୍ଷା କିମ୍ବା ବରଫପାତ ହେବାର ସମ୍ଭାବନା ରହିଛି ।

## ପ୍ରାଣ ପ୍ରତିଷ୍ଠାର ସିଧା ପ୍ରସାରଣ ଉପରେ ପ୍ରତିବନ୍ଧକ ଲଗାଇଲେ ତାମିଲନାଡୁ ସରକାର

### ଗମ୍ଭୀର ଅଭିଯୋଗ ଆଣିଲେ ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ, ୨୧/୧ : କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାମିଲନାଡୁ ସରକାର ଉପରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି କି ଜାନୁଆରୀ ୨୨ ତାରିଖରେ ଅଯୋଧାରେ ହେବାକୁ ଥିବା ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠାର ସିଧା ପ୍ରସାରଣ ଉପରେ ତାମିଲନାଡୁ ସରକାର ପ୍ରତିବନ୍ଧକ ଲଗାଇଛନ୍ତି । ଏକ ତାମିଲ ଖବର କାଗଜର ଖବରକୁ ଉଦ୍ଧୃତ କରି କହିଛନ୍ତି କି, ତାମିଲନାଡୁ ସରକାର କେବଳ ପ୍ରାଣ ପ୍ରତିଷ୍ଠାର ସିଧା ପ୍ରସାରଣ ନୁହେଁ ବରଂ ରାଜ୍ୟରେ ଥିବା ରାମ ମନ୍ଦିରଗୁଡିକରେ ପ୍ରାଣ ପ୍ରତିଷ୍ଠା ଦିନ ପୂଜା କରିବା ଉପରେ ରୋକ୍ ଲଗାଇଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି କି, ହିନ୍ଦୁ ଧାର୍ମିକ ଓ ଧର୍ମାନୁଷ୍ଠାନ ବିଭାଗ ଦ୍ୱାରା ପରିଚାଳିତ ମନ୍ଦିରଗୁଡିକରେ ଶ୍ରୀରାମଙ୍କ ନାମରେ କୌଣସି ପୂଜା, ଭଜନ, ପ୍ରସାଦ ଅନ୍ନଦାନକୁ ମଧ ତାମିଲନାଡୁ ସରକାର ଅନୁମତି ଦେଇନାହାଁନ୍ତି । ପୋଲିସ ମଧ ଘରୋଇ ମନ୍ଦିରଗୁଡିକରେ କାର୍ଯ୍ୟକ୍ରମ କରିବା ଉପରେ ରୋକ ଲଗାଇଛି । ଏହାସହ ଯେଉଁ ମଣ୍ଡପରେ ଶ୍ରୀରାମଙ୍କ ପୂଜା କରିବାର ଦେଖିବାକୁ ମିଳିବ ତାହାକୁ ଭାଙ୍ଗିଦେବାକୁ ଆୟୋଜକଙ୍କୁ ଧମକ ଦିଆଯାଉଥିବା କଥା କହିଛନ୍ତି ଅର୍ଥମନ୍ତ୍ରୀ ।



## ଦୁର୍ଘଟଣାରେ ଫିଲ୍ମ ନିର୍ଦ୍ଦେଶକ ସୁଧାକର ବସନ୍ତ ଗୁରୁତର



ଭୁବନେଶ୍ୱର, ୨୧/୧ (ନି.ପ୍ର): ଦୁର୍ଘଟଣାରେ ଫିଲ୍ମ ନିର୍ଦ୍ଦେଶକ ସୁଧାକର ବସନ୍ତ ଗୁରୁତର । କଟକ ଚୌଦ୍ୱାରଠାରେ ତାଙ୍କ କାର ଦୁର୍ଘଟଣାଗସ୍ତ ହୋଇଛି । କାରରେ ଥିବା ତାଙ୍କ ଡ୍ରାଇଭର ମଧ ଗୁରୁତର ହୋଇଛନ୍ତି । ଦୁଇ ଜଣଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତି କରାଯାଇଛି । ଭୋର ୩ଟାରୁ ୪ଟା ମଧରେ ସୁଧାକର ବସନ୍ତଙ୍କ ଗାଡି ଦୁର୍ଘଟଣାଗସ୍ତ ହୋଇଥିବା ଜଣାପଡ଼ିଛି । ରାସ୍ତା କଡରେ ଛିଡ଼ା ହୋଇଥିବା ଏକ ସିମେଣ୍ଟ ବୋଝେଇ କାରକୁ ତାଙ୍କ ଗାଡି ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ହୋଇଥିଲା ଯେ, ତାଙ୍କ ଗାଡିଟି ପୂରା ଭାଙ୍ଗି ଯାଇଛି । କାର ଭିତରେ ଦୁଇ ଜଣ ଫସିଯାଇଥିଲେ । ନିକଟରେ ଥିବା ଲୋକେ କାରକୁ କାଟି ଭିତରୁ ଦୁଇ ଜଣଙ୍କୁ ବାହାର କରାଯାଇଥିଲା । ତୁରନ୍ତ ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ଏସସିବିରେ ଭର୍ତ୍ତି କରାଯାଇଛି ।

## ୩୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା



ବାଲେଶ୍ୱର: ୨୧/୦୧ : (ନି.ପ୍ର) ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ରିୟା ଫାଉଣ୍ଡେସନର ମିଳିତ ସହଯୋଗ କ୍ରମେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଟାଉନ ହାଇସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଭୁବନେଶ୍ୱର ଏମ୍ସର କର୍କଟ ରୋଗ ବିଭାଗ ଆସୋସିଏଟ ପ୍ରଫେସର ଡାକ୍ତର ସୌରଭ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ ଲୋକ ଏଠାକୁ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ କରି ମାଗଣାରେ ଔଷଧ ମଧ ନେଇଥିଲେ । ଦିବସ ବ୍ୟାପି ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେଡିସିନ ବିଭାଗ ଡାକ୍ତର ପ୍ରିତି ପଲ୍ଲବି, କର୍ଣ୍ଣ-ନାସା ଓ ଗଳା ବିଭାଗ ଡାକ୍ତର ଗିରିଜା ଶଙ୍କର, ସ୍ନାୟୁ ବିଭାଗ ଡାକ୍ତର ତଥା ପ୍ରଫେସର ସୋମନାଥ ଜେନା କିଡନୀ ବିଭାଗ ଡାକ୍ତର ପ୍ରଫେସର ତାପସ ବେହେରା, ପେଟରୋଗ ଓ ଲିଭର ବିଭାଗ ଡାକ୍ତର ସୀମର ହୋତା, ଦାନ୍ତ ବିଭାଗ ଡାକ୍ତର ନିଳାଦ୍ରି ବେହେରା ଏବଂ ଅର୍ଥପେଡିକର ଡାକ୍ତର କ୍ଷିତିଶ ବେହେରା ଉପସ୍ଥିତ ରହି ଲୋକମାନଙ୍କର ସ୍ୱାସ୍ଥ୍ୟସେବା ପରଖି ଥିଲେ । ଏପରିକି ଏଥିରେ ବହୁ ମହିଳା ଚକ୍ଷୁବିଭାଗ ବିଶେଷଜ୍ଞ ଅଭିଷେକ ଗାଙ୍ଗୁଲି ଏବଂ ସ୍ତ୍ରୀ ଓ ପ୍ରସୁତି ବିଭାଗ ଡାକ୍ତରଙ୍କ ପାଖରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ଦେଖା ଯାଇଥିଲା । କ୍ରୀୟା ଫାଉଣ୍ଡେସନର ମୁଖ୍ୟ ଲିଲି ଜେନାମଣିଙ୍କ ତତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଲୋକମାନଙ୍କର ରକ୍ତଚାପ, ମଧୁମେହ, ଓଜନ, ହେପାଟାଇଟିସ ଆଦି ପରୀକ୍ଷା ନୀରିକ୍ଷା କରାଯାଇଥିଲା । ଏସବୁ ପରୀକ୍ଷା ପରେ ସେମାନେ ଡାକ୍ତରମାନଙ୍କ ପରାମର୍ଶ କ୍ରମେ ନିଜ ଶରୀରରେ ଦେଖା ଦେଇଥିବା ରୋଗର ସଫଳ ଚିକିତ୍ସା କରାଇ ପାରିଥିଲେ । ବିଭିନ୍ନ ସଂସ୍ଥାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ ।

### କଂଗ୍ରେସ ଟିକେଟ ପାଇଁ ଟଙ୍କା କାରବାର ହେଉଥିବା ଖବର ଚର୍ଚ୍ଚା

## ଆଶାୟୀଙ୍କୁ ପ୍ରାର୍ଥୀ ଘୋଷଣା କରିବା ନେଇ ଅଭିଯୋଗ ପରେ ସତର୍କ କଲା ପିସିସି

ଭୁବନେଶ୍ୱର, ୨୧/୧ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ ପାଇଁ ସବୁ ଦଳର ଜୋରଦାର ପ୍ରସ୍ତୁତି ଚାଲିଛି । ଏହାରି ଭିତରେ କଂଗ୍ରେସ ଟିକେଟ ପାଇଁ ଟଙ୍କା କାରବାର ହେଉଥିବା ଖବର ଚର୍ଚ୍ଚାକୁ ଆସିବା ପରେ ସତର୍କ କରାଇଲା ପ୍ରଦେଶ କଂଗ୍ରେସ କମିଟି । ଉଭୟ ବିଧାନସଭା ଓ ଲୋକସଭା ଆଶାୟୀ ପ୍ରାର୍ଥୀଙ୍କୁ ଟିକେଟ ଦିଆଯିବାର ପ୍ରତିଶ୍ରୁତି ଦେଇ କିଛି ବ୍ୟକ୍ତ ବିଶେଷ ଟଙ୍କା ଆଦାୟ କରୁଥିବା ଖବର ପିସିସି ସଭାପତିଙ୍କ ନଜରକୁ ଆସିଥିଲା । ଏଭଳି ଖବର ସାମ୍ନାକୁ ଆସିବା ପରେ ସବୁ ଜିଲ୍ଲା ସଭାପତି ଓ ରାଜ୍ୟ ସାମ୍ମୁଖ୍ୟଙ୍କୁ ପିସିସି ପକ୍ଷରୁ ଚିଠି ଦିଆଯାଇଛି । କୌଣସି ନେତା ଏଭଳି ଖବରକୁ ବିଶ୍ୱାସ ନକରିବାକୁ ଚିଠିରେ ସତର୍କ କରାଇ ଦିଆଯାଇଛି । ୨୦୨୪ ନିର୍ବାଚନ ପାଇଁ ଲୋକସଭା ଓ ବିଧାନସଭା ଟିକେଟ ନିର୍ଦ୍ଧାରିତ ସମୟରେ ଏଆଇସିସି ଦ୍ୱାରା ଘୋଷଣା କରାଯିବ ବୋଲି ପିସିସି ସଭାପତି କହିଛନ୍ତି ।

## ଅଯୋଧାରେ ପ୍ରାଣପ୍ରତିଷ୍ଠାର ଉତ୍ସବ : ଓଡିଶାରେ ଉତ୍ସାହ

ଭୁବନେଶ୍ୱର, ୨୧/୧ (ନି.ପ୍ର): ସାରା ଦେଶ ଯେତେବେଳେ ରାମ ହୋଇଯାଇଛି, ଏଥିରୁ ଓଡିଶା ବାଦବା କେମିତି ପଡିଥାନ୍ତା । ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଭିନ୍ନ ଭିନ୍ନ ଭକ୍ତିର ମାର୍ଗ ବାଛିଛନ୍ତି ଭକ୍ତ । ନୟାଗଡ ଓ ପାରାଦୀପରେ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଭବ୍ୟ ଆୟୋଜନ ହୋଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ କଳସ ଯାତ୍ରା ଓ ଶୋଭାଯାତ୍ରା କରାଯାଇଛି । ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଅଯୋଧାରେ ବ୍ୟାପକ ପ୍ରସ୍ତୁତି ଚାଲିଥିବାବେଳେ ଦେଶବ୍ୟାପି ଏହାର ଦିବ୍ୟ ମାହୋଲ ଦେଖିବାକୁ ମିଳିଛି । ସବୁଠି ଉତ୍ସାହ ଓ ଉଦ୍ଦୀପନା । ଓଡିଶାରେ ମଧ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ । ଗାଁଠୁ ସହର ସବୁଠି ଶୁଭୁଛି ଜୟ ଶ୍ରୀରାମ ଧ୍ୱନି । ସେହି ଭବ୍ୟ ମୁହୂର୍ତକୁ ଆହୁରି ସ୍ମରଣୀୟ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ବହୁ ସଂଖ୍ୟାରେ ରାମ ଭକ୍ତ ଶୋଭାଯାତ୍ରା କରିଛନ୍ତି । ଶହ ଶହ ମହିଳା ବିଭିନ୍ନ ସ୍ଥାନରେ କଳସ ଯାତ୍ରା କରିଛନ୍ତି । ଏହି ଶୋଭାଯାତ୍ରା ଓ କଳସ ଯାତ୍ରା ଚାରିଆଡେ ଭବ୍ୟ ଓ ଦିବ୍ୟ ପରିବେଶ ସୃଷ୍ଟି କରିଛି । ରାମ ଲାଲାଙ୍କ ପ୍ରତିଷ୍ଠା ଉତ୍ସବକୁ ବେଶ ଧୂମଧାମରେ ପାଳନ କରିବାକୁ ଲୋକଙ୍କ ଭିତରେ ପ୍ରବଳ ଉତ୍ସାହ । ଯାହାର ପ୍ରଭାବ ପୂଜା ସାମଗ୍ରୀ ଦୋକାନରେ ଦେଖିବାକୁ ମିଳିଛି । ବିଶେଷକରି ଜୟଶ୍ରୀରାମ ଲେଖା ଓ ହନୁମାନଙ୍କ ଚିତ୍ର ଥିବା ପତାକା ବିକ୍ରି କରୁଥିବା ଦୋକାନରେ ଭିଡ ଦେଖିବାକୁ ମିଳିଛି । କିଏ ଗାଡିରେ ଲଗାଇବା ପାଇଁ ପତାକା କିଣୁଛନ୍ତି ତ ଆଉ କି ଘର ଉପରେ ଲଗାଇବା ପାଇଁ କିଣୁଛନ୍ତି । ସେହିପରି ଜୟଶ୍ରୀରାମ ଲେଖାଥିବା ଷ୍ଟିକରର ଚାହିଦା ମଧ ବଢ଼ି ଯାଇଛି । ଫଳରେ ପତାକାର ଦର ମଧ ବୃଦ୍ଧି ପାଇଥିବା କୁହାଯାଉଛି । ତଥାପି ରାମପ୍ରେମୀ ଖୁସି ମନରେ କିଣି ନେଉଥିବା ଦେଖିବାକୁ ମିଳିଛି । ପ୍ରାୟ ୫ଶହ ବର୍ଷର ଆଶା ପୂରଣ ହେବାକୁ ଯାଉଥିବାରୁ ଆଉ ଏକ ଦୀପାବଳୀ ପାଳିବାକୁ ପ୍ରସ୍ତୁତ କୋଟି କୋଟି ରାମ ଭକ୍ତ । ଜାନୁଆରୀ ୨୨କୁ ଆଉ ଏକ ଦିପାବଳି ଭାବେ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ କ୍ରମେ ଘରେ ଘରେ ଦୀପ ଜାଳିବାକୁ ପ୍ରସ୍ତୁତି ଚଳାଇଛନ୍ତି । ଆଉ ଦୋକାନରୁ କିଣି ନେଉଛନ୍ତି ଭଳିକି ଭଳି ଦୀପ । ସଜେଇ ହୋଇଛି ଭୁବନେଶ୍ୱର ସ୍ଥିତ ରାମ ମନ୍ଦିର । ରଂଗବେରଂଗର ଆଲୋକ ସାଂଗକୁ ଭଳିକି ଭଳି ଫୁଲରେ ଝଲସୁଛି ଶ୍ରୀରାମ ମନ୍ଦିର । ଏହି ଅବସରରେ କିଛି ଯୁବକ ହନୁମାନ ଚାଳିଶା ବାଂଟିଛନ୍ତି ।



# ଟିଟିଲାଗଡ଼ ରୋଡସ୍ଥିତ ସ୍ମାର୍ଟ ଶ୍ମଶାନକୁ ନିୟମିତ କାର୍ଯ୍ୟକ୍ଷମ କରିବା ନିମନ୍ତେ ସ୍ୱେଚ୍ଛାସେବୀ ସଂଗଠନର ଦାବି: ପ୍ରଶାସନକୁ ଦାବିପତ୍ର ପ୍ରଦାନ

ବଲାଙ୍ଗିର, ୨୧/୧ (ନି.ପ୍ର): ଟିଟିଲାଗଡ଼ ରୋଡସ୍ଥିତ ସ୍ମାର୍ଟ ଶ୍ମଶାନକୁ ନିୟମିତ କାର୍ଯ୍ୟକ୍ଷମ କରିବା ନିମନ୍ତେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପୌର ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ବଲାଙ୍ଗିର-ଟିଟିଲାଗଡ଼ ରୋଡର ଶିଳ୍ପାଂଚଳ ନିକଟସ୍ଥ ପୁରୁଣା ଶ୍ମଶାନକୁ ନବୀକରଣ କରାଯାଇ ବଲାଙ୍ଗିର ସହରବାସୀଙ୍କ ପାଇଁ ଏକ ସ୍ମାର୍ଟ ଶ୍ମଶାନ ସ୍ଥାପନ କରାଯାଇଥିଲା। ଯେଉଁଠାରେ ଅତ୍ୟାଧୁନିକ ବୈଦ୍ୟୁତିକ ମେସିନ ସାହାଯ୍ୟରେ ଶବ ସତ୍କାର କରାଯାଇ ପାରିଥାନ୍ତା। ଗୋଟିଏ ଶବଦାହ ପାଇଁ ଯେତିକି କାଠ ବ୍ୟବହାର କରା ଯାଇଥାଏ, ଏହି ମେସିନ ସାହାଯ୍ୟରେ କମ କାଠରେ ସତ୍କାର କରାଯାଇ ପାରିଥାନ୍ତା ଏବଂ କେବଳ କାଠ ନୁହେଁ ଅଧା ସମୟ ମଧ ହ୍ରାସ ପାଇ ପାରିଥାନ୍ତା । ଏହାସହ ବାୟୁଜନିତ ପ୍ରଦୂଷଣକୁ ବି ରୋକାଯାଇ ପାରିଥାନ୍ତା । ହେଲେ ବାସ୍ତବରେ ବଲାଙ୍ଗିର ପୌରପରିଷଦ ଦ୍ୱାରା ଉଦ୍ଘାଟିତ ହୋଇ ପାଖାପାଖି ଏକ ବର୍ଷ ବିତିଯାଇଥିବା ସତ୍ତ୍ୱେ ଅପରେଟର ନିଯୁକ୍ତି ଅଭାବରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନଥିଲା । ଫଳରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଏ ସଂକ୍ରାନ୍ତରେ ଗତ ଜୁନ ମାସରେ ପୌର ନିର୍ବାହୀ ଅଧିକାରୀ ଏବଂ ପୌର ଅଧକ୍ଷାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହା ପରେ ଜଣେ ଅପରେଟରଙ୍କୁ ସାତ ଦିନିଆ ତାଲିମ ପ୍ରଦାନ କରାଯାଇ ପୌର ପ୍ରଶାସନ ତରଫରୁ ନିଯୁକ୍ତି ଦିଆଯାଇଥିଲା । ହେଲେ ସଚେତନତା ଅଭାବରୁ ଆଜି ପର୍ଯ୍ୟନ୍ତ ଉକ୍ତ ସ୍ମାର୍ଟ ଶ୍ମଶାନଟି ବ୍ୟବହାର ଯୋଗ୍ୟ ହୋଇ ନ ପାରି ଜନସାଧାରଣଙ୍କ ସେବାରେ ଆସି ପାରୁନାହିଁ । ଜନସେବା କାର୍ଯ୍ୟରେ ଏହିପରି ଅବହେଳା କରାଯିବା ଏକ ଚିନ୍ତାର ବିଷୟ । ଲୋକଙ୍କୁ ସଚେତନ କରାଯାଇ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଗଲେ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ଗୋବିନ୍ଦ ଚନ୍ଦ୍ର ଶତପଥୀ, ଉତମ ନନ୍ଦ, ଏମ୍.ଡି. ବବଲୁ, ରବୀନ୍ଦ୍ର ପ୍ରଧାନ, ସୁବାଷ ବାଗ, ସୁମିତ ମିଶ୍ର, ଶ୍ୱେତା ସାହୁ, ଅନିତା ମିଶ୍ର, ଚିନ୍ମୟୀ ବୀର ପ୍ରମୁଖ ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ । ଶ୍ରୀ ମିଶ୍ର ନିଜ ପ୍ରତିକ୍ରିୟାରେ ଜଣାଇଥିଲେ ଯେ, ଅତିଶୀଘ୍ର ଗୋଟିଏ ଦିନ ଧାର୍ଯ୍ୟ କରାଯାଇ ପୌର ପ୍ରଶାସନ ଓ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ମିଳିତ ଭାବରେ ସ୍ମାର୍ଟ ଶ୍ମଶାନ ଠାରେ ହିଁ ସମ୍ବନ୍ଧିତ ଅଧିକାରୀମାନଙ୍କ ସହ ଏକ ଆଲୋଚନା କରି କିପରି ଏ ଦିଗରେ ଲୋକଙ୍କୁ ସଚେତନ କରାଯାଇ ପାରିବ ଏବଂ ନିୟମିତ ଭାବରେ ସ୍ମାର୍ଟ ଶ୍ମଶାନକୁ କାର୍ଯ୍ୟକ୍ଷମ କରାଯିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ବିଧାୟକ ଏକାଦଶ ଓ ସିନେ ତାରକା ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ: ସିନେତାରକା ବିଜୟୀ

ଧର୍ମଶାଳା, ୨୧/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ପଂଚାୟତ ସମିତି ଆନୁକୂଲ୍ୟରେ ନୂଆ-ଓ ଯୋଜନାରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଜିଲା ସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଉଦଘାଟନୀ ଉତ୍ସବ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଧାୟକ ଏକାଦଶ ଓ ସିନେ ତାରକା ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଏକାଦଶ ଦଳର ଅଧିନାୟକ ଅରୁଣ ସାହୁ ଟସ୍‌ରେ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲା । ବିଧାୟକ ଜଗନ୍ନାଥ ନାୟକ ସର୍ବାଧିକ ୪୨ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଦୀପକ ବାରିକ ୨ଟି ଉଇକେଟ ନେଇଥିଲେ । ୧୩୯ ରନର ବିଜୟ ଲକ୍ଷ ନେଇ ସିନେ ତାରକା ଏକାଦଶ ୧୧ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରି ମ୍ୟାଚକୁ ଜିତି ନେଇଥିଲା । ଦଳ ପକ୍ଷରୁ ଚିକୁ ୭୯ରନ ସଂଗହ କରିଥିଲେ । ବିପପକ୍ଷ ଦଳର ବୋଲର କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ୨ଟି ଉଇକେଟ ନେଇଥିଲେ । ଚିକୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷିତ କରାଯାଇଥିଲା । ଏହି ଅବସରରେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଖେଳକୁ ଉପଭୋଗ କରିବା ନିମନ୍ତେ ଶହଶହ ସଂଖ୍ୟାରେ କ୍ରୀଡାପ୍ରେମୀଙ୍କ ସମାଗମ ଦେଖିବାକୁ ମିଳିଥିଲା । ବିଧାୟକ ଏକାଦଶ ଦଳର ପ୍ରଣବ ପ୍ରକାଶ ଦାସ,ପ୍ରଣବ କୁମାର ବଳବନ୍ତରାୟ, ଅରୁଣ ସାହୁ, ବ୍ୟୋମକେଶ ରାୟ, ଦେବୀ ରଂଜନ ତ୍ରିପାଠୀ, ରୁଦ୍ର ମହାରଥୀ, ଜଗନ୍ନାଥ ନାୟକ,ସୌଭିକ ବିଶ୍ୱାଳ,କ୍ୟାପଟେନ ବିଦ୍ୟଶଙ୍କର ମିଶ୍ର ସାମିଲ ହୋଇଥିବା ବେଳେ ସିନେ ତାରକା ଏକାଦଶରେ ପୁପିନ୍ଦର ସିଂ,ଆକାଶ ଦାସ ନାୟକ,ସ୍ୱରାଜ,ସମ୍ବିତ,ଦୀପକ ବାରିକ ପ୍ରମୁଖ ସାମିଲ ହୋଇଥିଲେ । ଅନ୍ୟପକ୍ଷେ ଖେଳ ଦେଖିବାକୁ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ,ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ,ବରୀ ବିଧାୟିକା ସୁନନ୍ଦା ଦାସ,କୋରାଇ ବିଧାୟକ ଅଶୋକ ବଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଖେଳ ଉପଭୋଗ କରିଥିଲେ ।

# ଭଗବାନ ବିଦ୍ୟା ମନ୍ଦିର ଖୁଜେନପାଲିରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ପାଳିତ

ବଲାଙ୍ଗିର, ୨୧/୧ (ନି.ପ୍ର): ଭଗବାନ ବିଦ୍ୟା ମନ୍ଦିର, ଖୁଜେନପାଲିରେ ପ୍ରଧାନ ଶିକ୍ଷକ ସୁନିଲ କୁମାର ଯୋଷୀଙ୍କ ସଭାପତିତ୍ୱରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ବଲାଙ୍ଗିର ସହରର ବିଶିଷ୍ଟ ସମାଜସେବୀ ବିକ୍ରମାନନ୍ଦ ବହିଦାର, ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ ସଂଗ୍ରାମ କେଶରୀ ବହିଦାର, ସମିତି ସଭ୍ୟା ସୂର୍ଯ୍ୟକାନ୍ତି ସାହୁ, ଭୁପିନ୍ଦ୍ର ପ୍ରସାଦ ସିଂହ ଓ ରମେଶ ଚନ୍ଦ୍ର ମଲ୍ଲିକ । ଏହି ଉତ୍ସବରେ ମୁଖ୍ୟ ଅତିଥି କ୍ଲବ ଗୁଡିକର କର୍ମଶାଳା ଓ ପ୍ରଦର୍ଶନୀ ପରିଦର୍ଶନ କରିବା ପରେ ଉତ୍ସବକୁ ସମର୍ଦ୍ଧିତ କରିଥିଲେ । ବିଦ୍ୟାଳୟର ପିଲାମାନେ ଆଗାମୀ ଦିନରେ ପ୍ରତ୍ୟେକ କ୍ଷେତ୍ରରେ ଜଣେ ଜଣେ ବିଶିଷ୍ଟ ବ୍ୟକ୍ତି ରେ ପରିଣତ ହେବାକୁ ପ୍ରେରଣା ଦେଇଥିଲେ । ଉତ୍ସବର ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରି ଉଚ୍ଛ୍ୱସିତ ପ୍ରଶଂସା କରିବା ସହିତ ସମସ୍ତ କ୍ଲବ ଓ ହାଉସ ଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ନାଥ । ଅନ୍ୟାନ୍ୟ ସମସ୍ତ ଶିକ୍ଷକ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ମେମୋରିଆଲ ଟ୍ରଷ୍ଟର ବୈଠକ ଅନୁଷ୍ଠିତ

ଜୟପୁର, ୨୧/୧ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସ୍ଥାନୀୟ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ମେମୋରିଆଲ ଟ୍ରଷ୍ଟର ଆଜି ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ନାମରେ ଏହି ଟ୍ରଷ୍ଟ ୨୦୦୮ରେ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଏହି ମେମୋରିଆଲ ଟ୍ରଷ୍ଟ ୨୦୦୯ ମସିହାରେ ସ୍ଥାପିତ ହୋଇଥିଲା । ଏହି ଟ୍ରଷ୍ଟ ଦୀର୍ଘ ବର୍ଷ ଧରି କୋରାପୁଟ ଜିଲ୍ଲା ଠାରେ ଗରିବ, ନିଷ୍ପେସିତ, ଅସହାୟ, ବୃଦ୍ଧ, ବୃଦ୍ଧା, ମାନଙ୍କ ପାଇଁ ସାହାଯ୍ୟର ହାତ ବଢ଼ାଇବାରେ ସୁପରିଚିତ । ଏହା ଛଡ଼ା ଅବିଭକ୍ତ କୋରାପୁଟ ଜିଲ୍ଲାର ଉପାନ୍ତ ଅଂଚଳ ମାନଙ୍କରେ ଶିକ୍ଷା, ସ୍ୱାସ୍ଥ୍ୟ,ନାରୀ ମାନଙ୍କ ଉନତି ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀର ଉନ୍ନତି ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟ କରିଆସୁଅଛି ଏହି ଟ୍ରଷ୍ଟ । କିନ୍ତୁ ଏହି ଲକ୍ଷ୍ମୀ ଇନ୍ଦିରା ପଣ୍ଡା ମେମୋରିଆଲ ଟ୍ରଷ୍ଟରେ ଆର୍ଥିକ ପରିସ୍ଥିତି ସାଜିଛି ବାଧକ ।ଟ୍ରଷ୍ଟର କର୍ମକର୍ତା ଏବଂ ସଦସ୍ୟ ସଦସ୍ୟା ମାନେ ନିଜସ୍ୱ ଅର୍ଥ କିଛି କିଛି ଆଦାୟ କରି ଦୀର୍ଘ ବର୍ଷ ଧରି ଏହି ଟ୍ରଷ୍ଟ ଚଲାଉଥିବା ଜଣାପଡିଛି । ଆଜି ଟ୍ରଷ୍ଟର ଡାଇରେକ୍ଟର ଶୁଭାଶିଷ ନାୟକଙ୍କ ଆହ୍ୱାନ ଏବଂ ପ୍ରବୀଣ ରାଜ ପାତ୍ରଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଟ୍ରଷ୍ଟର ସେକ୍ରେଟାରୀ ଡେବିଡ୍ ଦୀନବନ୍ଧୁ, କୋଷାଧକ୍ଷ ଚିଙ୍କି କୁମାରୀ ସୁନା, ଯୋଗେନ୍ଦ୍ର ସିଂ, ଅନିତା କଟିଆ, ମନିତା ନାୟକ, ଜୟନ୍ତୀ ବିଷୟୀ , ନମିତା ଖରା, ପିଙ୍କି ହରିଜନ, ସୁଶେଳା ଖେମୁଣ୍ଡୁ, ପ୍ରମୁଖ ଉପସ୍ଥିତ ରହିଥିଲେ । ଆଜିର ଏହି ବୈଠକରେ ଆଗାମୀ ଦିନରେ ଟ୍ରଷ୍ଟ କିପରି ବିଭିନ୍ନ ପ୍ରକାରର ଉନ୍ନତ ମୂଳକ କାର୍ଯ୍ୟ ହାତକୁ ନେବ ଏବଂ ଟ୍ରଷ୍ଟ କିପରି ଭାବେ ଅଗ୍ରଗତି ହେବ ସେ ନେଇ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସାମାଜିକ ସଚେତନତା, ଡିଜିଟାଲ ଶିକ୍ଷା,ମାଗଣା ବିଭିନ୍ନ ପ୍ରକାରର ତାଲିମ୍ ଉପରେ କାର୍ଯ୍ୟକରିବା ନେଇ ଏହି ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି ।

# ବଜ୍ରସୁନା ହାଇସ୍କୁଲରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

କେନ୍ଦ୍ରାପଡ଼ା, ୨୧/୧ (ନି.ପ୍ର): ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ବାଲିଘାଇ ବଜ୍ରସୁନା ଉଚ୍ଚ ବିଦ୍ୟାଳୟରେ ଆଜି ଭାଷା,ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ପୁସ୍ତକ ସମୀକ୍ଷାରେ ମୋ କାହାଣୀ ମୋ କଥା, ସାହିତ୍ୟ ସୃଜନୀରେ କବିତା ଓ ପ୍ରବନ୍ଧ ପଠନ, ଜିଜ୍ଞାସାରେ ବିଜ୍ଞାନ ଓ ପରିବେଶ, କୌଶଳୀରେ କମ୍ପୁଟରର ଉପଯୋଗ, କ୍ରୀଡ଼ାଙ୍ଗନାରେ ଜୀବନ କୌଶଳ ଏବଂ ଶେଷରେ ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଭାଗ ନେଇ ବିଭିନ୍ନ ବିଭାଗରେ ବିଚାରକମାନଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରତି ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବରେ ଅନ୍ତେଇ ବିଜୁ ପଟ୍ଟନାୟକ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼. କବିନ୍ଦ୍ର ଦାସ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ ମୁଖ୍ୟବକ୍ତା, ବ୍ଲକ୍ ଇକୋ କ୍ଲବ୍‌ର ମାଷ୍ଟର ଟ୍ରେନର ପ୍ରଫୁଲ ଚନ୍ଦ୍ର ମହାପତ୍ରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ପ୍ରଦାନ କରିବା ସହିତ ପୁରସ୍କାର ବଂଟନ କରିଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ ଭାନୁ ଚନ୍ଦ୍ର ସ୍ୱାଇଁ ଉତ୍ସବରେ ଅଧକ୍ଷତା କରିଥିଲେ । ସହକାରୀ ଶିକ୍ଷକ ଭାଗ୍ୟଧର ପତି ଅତିଥି ପରିଚୟ ସହିତ ଉତ୍ସବର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ । ସହକାରୀ ଶିକ୍ଷକ ଶ୍ରୀଚରଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଯୋଗିତାଗୁଡ଼ିକୁ ସହକାରୀ ଶିକ୍ଷକ ବିଭୁତି ଭୁଷଣ ଦାସ, ଗିରିଧାରୀ ଦାସ, ବାବାଜୀ ଚରଣ ରାଉତ ପ୍ରମୁଖ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ସୂତାର,ବାବାଜୀ ମହାପାତ୍ର ଓ ରଂଜିତ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବଲାଙ୍ଗିର ରାଧାକୃଷ୍ଣ ମନ୍ଦିରରେ ନବଦିନ ବ୍ୟାପି ରାମଚରିତ ମାନସ ପାରାୟଣ, ପାଂଚଦିନ ବ୍ୟାପି ଯଜ୍ଞ

ବଲାଙ୍ଗିର, ୨୧/୧ (ନି.ପ୍ର): ଅଯୋଧ୍ୟାରେ ରାମଲାଲଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟ ବଲାଙ୍ଗିର ସର୍ବ ପୁରାତନ ରାଧକୃଷ୍ଣ ମନ୍ଦିରରେ ବାବା ଅଦ୍ୱୈତ ଚରଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଧାକୃଷ୍ଣ ମନ୍ଦିର ଭକ୍ତ କମିଟି, ବଲାଙ୍ଗିର ବୈଦିକ ବ୍ରାହ୍ମଣ ରାଧା ମାଧବ ସଂଘ ସହଯୋଗ କ୍ରମେ ଭକ୍ତ ମାନଙ୍କୁ ନେଇ ରାମ ଚରିତ ମାନସ ପରାୟଣ ଜାନୁୟାରୀ ୯ ରୁ ୧୭ ତାରିଖ ନବଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ବେଳେ ଗତ ୧୮ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ରାମ ଚରିତ ମାନସ ଯଜ୍ଞ ଅନୁଷ୍ଠିତ ହେଉଛି । ମାନସ ପାରାୟଣରେ ବ୍ୟାସ ରୂପରେ କୁମୁଡେ ର ଇପସିତ୍ ମିଶ୍ର ଯୋଗଦେଇ ନଅ ଦିନ ବ୍ୟାପି ପ୍ରଭୁ ଶ୍ରୀରାମଙ୍କ ବୃତାନ୍ତ ବର୍ଣ୍ଣନା କରିଥିଲେ । ରାଧାକୃଷ୍ଣ ମନ୍ଦିର ପୂଜାରୀ ଆଚାର୍ଯ୍ୟ ଗୋକୁଳାନନ୍ଦ ମିଶ୍ର ପତ୍ନୀ ରୁକ୍ମିଣୀ ମିଶ୍ର ମୁଖ୍ୟ କର୍ତା ଭାବରେ କାର୍ଯ୍ୟ ତୁଲାଇଥିବା ବେଳେ ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଯଜ୍ଞ କାର୍ଯକ୍ରମରେ ପୁଷ୍ଟିକାଚାର୍ଯ୍ୟ ସିମାଚଂଳ ନନ୍ଦ ଓ ବ୍ରହ୍ମା ନବୀନ ଚନ୍ଦ୍ର ହୋତା ଯୋଗଦେଇ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ । କର୍ତା ରୂପରେ ଆଜି ସନ୍ତୋଷ ମିଶ୍ର, ସୁଦାମ ସାହୁ ଓ ରବୀନ୍ଦ୍ର ମେହେର ଯୋଗଦେଇ ଆହୁତି ଦେଇଥିବା ବେଳେ ପ୍ରତି ଦିନ ୫୧ ରୁ ୬୦ ଜଣ ପୁରୁଷ ମହିଳା ଯଜ୍ଞରେ କର୍ତା ହୋଇ ଆହୁତି ଦେଉଛନ୍ତି । ଯଜ୍ଞ ଓ ଅନ୍ୟ କାର୍ଯ୍ୟ ଆଗେଇ ନେବାରେ ଆନନ୍ଦ ପାଂସାରି, ଦୁଃଖିଶ୍ୟାମ ତ୍ରିପାଠୀ, ପ୍ରକାଶ ପଶାୟତ, ସୁରେନ୍ଦ୍ର ମିଶ୍ର, ତପନ ମିଶ୍ର, ମଧୁସୂଦନ ମହାରଣା ଓ ସମିତିର ମହିଳା ଭକ୍ତଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ଆଗେଇ ଚାଲିଛି । ପ୍ରତ୍ୟହ ୨୦୦ରୁ ୩୦୦ ଜଣଙ୍କ ନିମନ୍ତେ ମଧାହ୍ନରେ ପ୍ରଭୁଙ୍କ ଅନ୍ନ ପ୍ରସାଦର ବ୍ୟବସ୍ଥା ମେଡିକାଲ ସାମନାରେ ହେଉଛି ।

# ସମୂହ ଛୁଟିରେ ଗଲେ ଜିଲ୍ଲା ପ୍ରାଣୀ ସମ୍ପଦ ଚିକିତ୍ସକ

କେନ୍ଦ୍ରାପଡ଼ା, ୨୧/୧ (ନି.ପ୍ର): ଦୀର୍ଘ ବର୍ଷ ଧରି ବିନା ପଦୋନ୍ନତିରେ ପ୍ରାଣୀ ସେବା ଜାରି ରଖିବା ସତ୍ତ୍ୱେ ରାଜ୍ୟ ସରକାର ପ୍ରାଣୀ ଚିକିତ୍ସକମାନଙ୍କ ଅନେକ ଦିନର ଦାବିଗୁଡ଼ିକୁ କ୍ରମାଗତ ଭାବେ ଅଣଦେଖା କରି ଚାଲିଛନ୍ତି । ଦାବି ପୂରଣରେ ଅହେତୁକ ବିଳମ୍ବ ହେବାରୁ ରାଜ୍ୟ ପ୍ରାଣୀ ଚିକିତ୍ସା ସେବା ସଂଘର ଆହ୍ୱାନ କ୍ରମେ କେନ୍ଦ୍ରାପଡାର ସମସ୍ତ ପ୍ରାଣି ଚିକିତ୍ସକମାନେ ଗତ ୧୮ ତାରିଖରୁ ସମୂହ ଛୁଟି ଘୋଷଣା କରିଛନ୍ତି । ସଂଘର ଦାବିଗୁଡ଼ିକ ମଧ୍ୟରେ ପ୍ରାଣି ଚିକିତ୍ସା ସେବା କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଯଥା ୨୪ ଘଂଟା ପ୍ରାଣି ଚିକିତ୍ସା ସେବା ବ୍ୟବସ୍ଥା, ବିଶେଷଜ୍ଞ ସେବା, ରାଜ୍ୟରେ ପ୍ରାଣୀଗଣନା ଓ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି, ପ୍ରାଣୀ ଚିକିତ୍ସକ ମାନଙ୍କ କ୍ୟାଡର ପୁନଃ ଗଠନ ଏବଂ କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ସହ ସମାନ ପଦୋନ୍ନତି ସହ ଏନ୍‌ପିଏ ବ୍ୟବସ୍ଥା ଆଦି ରହିଛି । ସରକାରଙ୍କ ଏଭଳି ଦାୟିତ୍ୱହିନତା ଯୋଗୁଁ ଆଗାମୀ ଦିନରେ ଯଦି କେନ୍ଦ୍ରାପଡା ଜିଲ୍ଲାର ଗୃହପାଳିତ ପ୍ରାଣୀ ଏବଂ ବୁଲା ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କୌଣସି ଜଟିଳ ସମସ୍ୟା ଉପୁଜେ ସେଥିପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ରହିବେ ବୋଲି କେନ୍ଦ୍ରାପଡା ଜିଲ୍ଲା ପ୍ରାଣୀ ଚିକିତ୍ସା ସେବା ସଂଘ ତରଫରୁ ଚେତାବନୀ ଦିଆଯାଇଛି ।

# ନାବାଳିକାକୁ ଅପହରଣକାରୀକୁ ୩ବର୍ଷ ଜେଲ: ୧୦ହଜାର ଜରିମାନା

କେନ୍ଦ୍ରାପଡ଼ା, ୨୧/୧ (ନି.ପ୍ର): କେନ୍ଦ୍ରାପଡ଼ା ଫାଷ୍ଟ୍ରାକ୍ଟ ପୋକ୍ସୋ କୋର୍ଟ ଆଜି ନାବାଳିକାକୁ ଅପହରଣ ମାମଲାରେ ତିନିବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ ୨୦୨୧ ମସିହା ନଭେମ୍ବର ୧୨ ତାରିଖରେ ମାର୍ଶାଘାଇ ଥାନା ଅନ୍ତର୍ଗତ ୯ମ ଶ୍ରେଣୀର ଜଣେ ନାବାଳିକା ସକାଳ ୭ଟା ସମୟରେ ଘରୁ ଟିଉସନ୍ ହେବା ପାଇଁ ବାହାରି ଆସିଥିଲା । ଠିକ୍ ସମୟରେ ନାବାଳିକା ଘରକୁ ଫେରିଲା ନାହିଁ । ତାହାର ବାପା ମାଆ ବହୁତ ଖୋଜାଖୋଜି କରିବା ପରେ ମାର୍ଶାଘାଇ ଥାନାରେ ସେହିଦିନ ଅଭିଯୋଗ କରିଥିଲେ । ମାର୍ଶାଘାଇ ଥାନା ପୋଲିସ ସେହିଦିନ ୪୨୮/୨୦୨୧ରେ ଭାରତୀୟ ପିଙ୍ଗଳ କୋର୍ଟ- ୩୬୩ ଆଇ.ପି.ସି.ରେ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା । ଘଟଣାର ତିନିଦିନ ପରେ ମାର୍ଶାଘାଇ ଥାନା ପୋଲିସ ଭଦ୍ରକରୁ ନାବାଳିକାକୁ ଉଦ୍ଧାର କରିଥିଲା । ଅଭିଯୁକ୍ତ ମାର୍ଶାଘାଇ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ଅଭିରାମ ପ୍ରଧାନଙ୍କ ପୁଅ ଜିତୁରଞ୍ଜନ ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମାର୍ଶାଘାଇ ଥାନା ପୋଲିସ ଆସାମୀ ବିରୁଦ୍ଧରେ ୩୬୩, ୩୬୬, ୩୭୬(୩) ଓ ୩୭୬(୨/ଏନ) ଆଇ.ପି.ସି., ପୋକ୍ସୋ ସେସନ-୬ ଓ ତିନୋଟି ଏସ୍‌ସି/ଏସ୍‌ଟି ଦଫାରେ ଚାର୍ଜସିଟ୍ ଦେଇଥିଲା । କେନ୍ଦ୍ରାପଡ଼ାର ଫାଷ୍ଟ୍ରାକ୍ଟ ପୋକ୍ସୋ କୋର୍ଟର ବିଚାରପତି ତ୍ରିବିକ୍ରମ କେଶରୀ କିନାରା ଆସାମୀକୁ ଦୋଷୀ ସାବ୍ୟସ୍ତ କରି ୩୬୩ ଦଫାରେ ତିନିବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜୋରିମାନା ଆଦାୟ ଓ ଟଙ୍କା ଅନାଦେୟ ହେଲେ ଆଉ ୬ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ଆଦେଶ କରିଛନ୍ତି । ଏହି ମାମଲାକୁ ସରକାରଙ୍କ ତରଫରୁ ଆଇନଜୀବୀ ମନୋଜ କୁମାର ସାହୁ ପରିଚାଳନା କରିଥିଲେ ।

# ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ

ମାଲକାନଗିରି, ୨୧/୧ (ନି.ପ୍ର): ମାଲକାନଗିରି ଜିଲ୍ଲାର ପଡିଆ ବ୍ଲକର ଭୀମା ମାଡକାମୀ ଉଚ୍ଚ ବିଦ୍ୟାଳୟ, ଇରାଲଗୁଣ୍ଡି, ମାଲକାନଗିରି ବ୍ଲକର ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମାଟାପାକା ଏବଂ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବୁରୁଦି ଠାରେ ବିଦ୍ୟାଳୟ ସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ଏହି ତିନୋଟି ବିଦ୍ୟାଳୟ ଉତ୍ସବରେ ଯୋଗ ଦେଇ ଉଦଘାଟନ କରିଥିଲେ । ସେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାହିତ୍ୟ ସୃଜନୀରେ ମୋ କଥା ମୋ କାହାଣୀ, ଜିଜ୍ଞାସା କ୍ଲବରେ ବିଭିନ୍ନ ପ୍ରକାର ପ୍ରକଳ୍ପ, କୌଶଳୀ କ୍ଲବର କମ୍ପ୍ୟୁଟର ଜ୍ଞାନ ସମ୍ପର୍କିତ ପ୍ରଦର୍ଶନୀ ଏବଂ କ୍ରିଡ଼ାଙ୍ଗନ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ । ଏହା ସହିତ ବିଦ୍ୟାଳୟ ସ୍ତରରେ ଭାଷା ସଂସ୍କୃତିର ଉନ୍ନତି ନିମନ୍ତେ ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଏବଂ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପଂଚାୟତର ସରପଂଚ, ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତା ଯୋଗ ଦେଇଥିଲେ । ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡାଙ୍ଗନ ଏହି ଚାରିଟି କ୍ଲବର ଛାତ୍ରଛାତ୍ରୀମାନେ ନିଜ ନିଜ ପ୍ରକଳ୍ପ ପ୍ରଦର୍ଶିତ କରି ଦଳଗତ ଭାବେ ନିଜ ନିଜ ପ୍ରକଳ୍ପକୁ ଉପସ୍ଥାପନ କରିଥିଲେ । ଏଥିରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଗଳ୍ପ ଓ କବିତା ଆବୃତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର ସୃଜନଶୀଳତାର ବିକାଶ ହୋଇପାରିବ ବୋଲି ଉପସ୍ଥିତ ଅଭିଭାବକ ମତପ୍ରକାଶ କରିଥିଲେ ।

# ୬୧ ତମ ବାର୍ଷିକ ଉତ୍ସବ ପାଳିତ

ଜୟପୁର, ୨୧/୧ (ନି.ପ୍ର): ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଧନପୁର ଠାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଓମ୍ ପ୍ରକାଶ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଶ୍ୟାମ ମେହେର ଓ ଧନପୁର ପଂଚାୟତର ସରପଂଚ ଶ୍ରୀ ବଳିଭଦ୍ର ଗାଦବା, କଳିଆଗାଁ କ୍ଲଷ୍ଟର ଉଜଉଉ ଶ୍ରୀ ସର୍ବେଶ୍ୱର ପଟ୍ଟନାୟକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଫୁଲ୍ଲ କୁମାର ପାଢୀ ଓ ଉଦୟ ଚନ୍ଦ୍ର ଗାଂଟ । ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରଛତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ସୁମିତା ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ମଂଚ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ସରୋଜିନୀ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଶାରୀରିକ ଶିକ୍ଷା ଶିକ୍ଷକ ମନୋଜ କୁମାର ମହାନ୍ତ, ଶିକ୍ଷୟିତ୍ରୀ ପ୍ରିୟଙ୍କା ଶତପଥୀ ଏବଂ ଶିକ୍ଷକ ଚିତରଞ୍ଜନ ପଟ୍ଟନାୟକ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ତଥା ବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ସହିତ ପ୍ରମାଣ ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଶିକ୍ଷକ ଶ୍ରୀ କିଶୋର କରକରିଆ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କିନ୍ନରମାନଙ୍କ ପକ୍ଷରୁ ବାହାରିବ ରାମରଥ

କେନ୍ଦ୍ରାପଡ଼ା, ୨୧/୧ (ନି.ପ୍ର): ଅଯୋଧ୍ୟାରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ସାମାଜିକ ସଂଗଠନ 'ଜୟ ରାଷ୍ଟ୍ର' ଓ କଜଳା ସ୍ଥିତ କିନ୍ନର ସାମାଜର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜାନୁଆରୀ ୨୨ ତାରିଖରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହିଦିନ କିନ୍ନର ସମାଜ ପକ୍ଷରୁ ଏକ ଭବ୍ୟ ରାମରଥ ସହର ପରିକ୍ରମା କରିବା ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଛି । କିନ୍ନରମାନେ ଏହିଦିନ ସାତ୍ତ୍ୱିକ ଭୋଜନ କରିବା ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା ମଧ୍ୟ କରିବେ । ବୈଠକରେ ଜୟ ରାଷ୍ଟ୍ର ପକ୍ଷରୁ କିନ୍ନରମାନଙ୍କୁ ପଂଚକର୍ମ ପତ୍ର ବଂଟନ କରାଯାଇଥିଲା ।

# ବିଜ୍ଞାନ ଶିକ୍ଷକ ମାଡ଼ରେ ଛଅଜଣ ଛାତ୍ର ଗୁରୁତର ହୋଇ କଂଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି

ବଲାଙ୍ଗୀର, ୨୧/୧ (ନି.ପ୍ର): ଦଣ୍ଡ ମୁକ୍ତ ଅଂଚଳରେ ଛାତ୍ରଛାତ୍ରୀଙ୍କୁ ଦଣ୍ଡ । ବିଜ୍ଞାନ ଶିକ୍ଷକଙ୍କ ଆଖିବୁଜା ମାଡ଼ରେ ଛଅଜଣ ଛାତ୍ର ଗୁରୁତର ହୋଇ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତି । ଏଭଳି ଏକ ଘଟଣା ଘଟିଛି ତୁରେକେଲା ବ୍ଲକ ଚଟୁଅନକା ପଂଚାୟତର ଚଟୁଅନକା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ । ମିଳିଥିବା ସୂଚନା ଅନୁସାରେ ଗତ ଶୁକ୍ରବାର ସକାଳେ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ସେହି ସ୍କୁଲର ବିଜ୍ଞାନ ଶିକ୍ଷକ ପ୍ରଭାତ ହରପାଳ ବାଡ଼ିରେ ଉକ୍ତ ବିଦ୍ୟାଳୟର ୬ଜଣ ଛାତ୍ରଙ୍କୁ ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଛାତ୍ରମାନଙ୍କ ଗୋଡ, ହାତ ଓ ମୁହଁ ଫୁଲି ଯାଇଥିବା ବେଳେ ବାଡ଼ିର ଦାଗ ଜଳ ଜଳ ହୋଇ ଦେଖିବାକୁ ମିଳିଛି । ପରେ ଖବର ପାଇ ଅଭିଭାବକମାନେ ସ୍କୁଲରେ ପହଂଚି ହୋ-ହାଲ୍ଲା ହୋଇ ଥିଲେ ଓ ଏହା ପରେ କଂଟାବାଞ୍ଜି ପୋଲିସ ଘଟଣା ସ୍ଥଳରେ ପହଂଚି ବୁଝାସୁଝା କରିଥିଲେ । ପରେ ଛାତ୍ରମାନଙ୍କୁ କଣ୍ଟାବାଞ୍ଜି ହସ୍ପିଟାଲରେ ଭର୍ତି କରାଯାଇଥିଲା ।

# କଳାହାଣ୍ଡି ଜିଲ୍ଲା କରଲାମୁଣ୍ଡା ବ୍ଲକ କୁସୁର୍ଲା ମକର ମେଳାରେ ପାନୀୟ ଜଳ ବାଂଟିଲେ ଗଜାନନ ଯୁବକ ସଂଘ

ଭବାନୀପାଟଣା, ୨୧/୧ (ନି.ପ୍ର): କଳାହାଣ୍ଡି କର୍ଲାମୁଣ୍ଡା ବ୍ଲକ୍ ନୀଳକଣ୍ଠେଶ୍ୱର ପୀଠ କୁଶୁର୍ଲା ଠାରେ ସାତ ଦିନ ଧରି ୭୪ତମ ମିଳିତ ମକର ମେଳା ଅନୁଷ୍ଠିତ ହୋଇଯାଇଛି । ଦିନ ବେଳେ ବଜାର ଓ ମେଳାର ମାହୋଲ ଜମିଥିବା ବେଳେ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ ଦର୍ଶକ । ଖରା ସହିତ ମେଳାରେ ଲୋକଙ୍କ ଭିଡ଼ ରହୁଥିବାରୁ ଲୋକେ ପିଇବା ପାଣିଜନିତ ସମସ୍ୟା ଦୂର କରିବା ପାଇଁ ଗଜାନନ ଯୁବକ ସଂଘ ଭୋଇରମୁଣ୍ଡା ର ସମ୍ପାଦକ ତଥା ସ୍ୱେଚ୍ଛାସେବୀ ଅଶୋକ ସାହୁଙ୍କ ନେତୃତ୍ୱରେ ସଂଘ ପକ୍ଷରୁ ପିଇବା ପାଉଚ ପାଣି ବଂଟନ କରାଯାଇଥିଲା । ଏଥିରେ ସଂଘର କ୍ରୀଡା ସମ୍ପାଦକ ରାଜେଶ ସାହୁ, ଉଗ୍ରେ ସାହୁ, ମିଥୁନ ସାହୁ, ବିକାଶ ସାହୁ, ପିଙ୍କୁ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏଭଳି କାର୍ଯ୍ୟକୁ ମକର ମେଳା କମିଟି ପକ୍ଷରୁ ପ୍ରଶଂସା କରାଯାଇଥିବା ବେଳେ ବିଜେପି ଗଣମାଧ୍ୟମ ରାଜ୍ୟ ସହ ସଂଯୋଜକ ଶୁଭ୍ରାଂଶୁ ସାହୁ, ବିଜେପି ବରିଷ୍ଠ ନେତା ତଥା ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜୋନ-କ ହିରାମଣି ସାହୁ, ପୂର୍ବତନ ସରପଂଚ ସାପଲହରା ଲକ୍ଷ୍ମୀ ପ୍ରସାଦ ସାହୁ, ବରିଷ୍ଠ ସାମ୍ବାଦିକ ତଥା ମୁଖ୍ୟ ସମ୍ପାଦକ ବିଟିଭି ବାଲ କୁମାର ସାହୁ, ଭବିଷ୍ୟ ଖବର ସାମ୍ବାଦିକା ଦିପାଞ୍ଜଳି ସାହୁ ପ୍ରମୁଖ ପ୍ରଶଂସା କରି ଧନ୍ୟବାଦ୍ ଜଣାଇଥିଲେ ।

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ଜାନୁଆରୀ ୨୨ ସୋମବାର, ୨୦୨୪


# ରଙ୍ଗୀନ୍ ପ୍ରକୃତି

**ପ୍ରକୃତିରେ ଭରି ରହିଛି ଅନେକ ରଙ୍ଗ। ରଙ୍ଗ ଅଛି ନଦୀରେ, ରଙ୍ଗ ଅଛି ଫୁଲରେ, ଛୋଟିଆ ଜୀବରେ ପୁଣି କୀଟପତଙ୍ଗରେ। ଆଉ ସବୁ ରଙ୍ଗର ସୌନ୍ଦର୍ଯ୍ୟ ଭିନ୍ନଭିନ୍ନ। ସେମିତି କିଛି ରଙ୍ଗ ରହିଛି ପୃଥିବୀର ବିଭିନ୍ନ ସ୍ଥାନରେ। ଯାହା ଦେଖିବାକୁ ଯେତିକି ସୁନ୍ଦର ସେତିକି ଆଶ୍ଚର୍ଯ୍ୟଜନକ ମଧ।**



**ଲାଭେଣ୍ଡର ଫୁଲର ସବିସ୍ତୃତ କ୍ଷେତ:**

ଗ୍ରୀଷ୍ମଋତୁରେ ଫ୍ରାନ୍ସର ପ୍ରୋଭେନ୍ସ ଲାଗେ ସ୍ୱର୍ଗପୁରୀ ଭଳି। ଆଖି ପାଇବା ପର୍ଯ୍ୟନ୍ତ ଧାଡ଼ି ଧାଡ଼ି ହୋଇ ଲଗାଯାଇଥିବା ଲାଭେଣ୍ଡର ଫୁଲ କ୍ଷେତର ଦୃଶ୍ୟ ସତରେ ମନଲୋଭା। ବାଇଗଣୀ ରଙ୍ଗର ଏହି ଫୁଲଗୁଡ଼ିକୁ ଗୋଟିଏ ସାଇଜରେ ସିଲିଣ୍ଡର ଆକୃତିରେ ଲମ୍ୱାଧାଡ଼ିରେ ଲଗାଯାଇଥାଏ। ଆଉ ତାର ମହକ ପରବେଶକୁ ମତୁଆଲା କରିଦିଏ।

**ପାଞ୍ଚ ରଙ୍ଗର ନଦୀ:**

କଲମ୍ବିଆର କାନୋ କ୍ରିଷ୍ଟାଲସ ନଦୀର ଜଳ କେଉଁଠି ଲାଲ ରକ୍ତବର୍ଣ୍ଣର ଦେଖାଯାଏତ କେଉଁଠି ହଳଦିଆ ସବୁଜ ଓ କେଉଁଠି ନୀଳ ଏବଂ କଳା। ସେଇଥିପାଇଁ ତ ଏହା ବେଶ୍ ପରିଚିତ 'ଦି ରିଭର ଅଫ ଫାଇଭ କଲର୍ସ ଓ ଲିକ୍ୱିଡ଼ ରେନବୋ ଭାବେ। ଗୋଟିଏ ନଦୀରେ ଏଭଳି ବିଭିନ୍ନ ରଙ୍ଗ ଦେଖାଯିବା ପୃଥିବୀରେ ବିରଳ। ତେଣୁ ଏହାକୁ ପୃଥିବୀର ସୁନ୍ଦରତମ ନଦୀଭାବେ ଗଣନା କରାଯାଏ। ତେବେ ଜୁଲାଇରୁ ନଭେମ୍ବର ଶେଷ ପର୍ଯ୍ୟନ୍ତ ନଦୀର ବିଭିନ୍ନ ରଙ୍ଗକୁ ଉପଭୋଗ କରିହୁଏ। ତେବେ ନଦୀର ଏଭଳି ବିବିଧ ରଙ୍ଗ ହେବା ପଛରେ କାରଣ ହେଉଛି ଏଠାରେ ବଢୁଥିବା ଏକ ବିରଳ ପ୍ରଜାତିର ଉଦ୍ଭିଦ ମାକାରେନିଆ କ୍ଲାଭିଜେରା। ଉକ୍ତ ନଦୀରେ ଅନେକ ଜଳପ୍ରପାତ ବି ରହିଛି।



**ସୁବର୍ଣ୍ଣ ସୌନ୍ଦର୍ଯ୍ୟରେ ଭରା ଚାଇନାର ଲୁପିଂ:**

ପୂର୍ବ ଚାଇନାର ପାହାଡ଼ଘେରା ଲୁପିଂ କାଉଣ୍ଟିକୁ ବସନ୍ତ ଋତୁ ଭରିଦିଏ ସୌନ୍ଦର୍ଯ୍ୟ। କାରଣ ଏହି ସମୟରେ ଏଠାକାର କାନୋଲା କ୍ଷେତଗୁଡ଼ିକ ଭରିଯାଏ ଫୁଲରେ। ପାହାଡ଼ ଚତୁଃପାର୍ଶ୍ୱରେ ହୋଇଥିବା ଏହି କ୍ଷେତରେ ସୁବର୍ଣ୍ଣ ରଙ୍ଗର ଫୁଲ ପବନରେ ଢେଉ ଖେଳେ। ଏହାର ସୌନ୍ଦର୍ଯ୍ୟ ଏମିତି ଯେ, ବିଭିନ୍ନ ଦେଶର ଫଟୋଗ୍ରାଫର ଏଠାକୁ ଟାଣି ହୋଇ ଆସନ୍ତି। ଜୁନ ଶେଷ ପର୍ଯ୍ୟନ୍ତ ଲୁପିଂର ଏହି ସୁବର୍ଣ୍ଣ ସୌନ୍ଦର୍ଯ୍ୟ ଉପଭୋଗ କରିହୁଏ।

**ଫୁଲରେ ଭରା ଶିବାଜାକୁରା ହିଲ୍:**

ବସନ୍ତ ଋତୁ ଆସିଲେ ଜାପାନର ମାଉଣ୍ଟ ଫୁଜିର ପାଦ ଦେଶ ଭରିଯାଏ ଶିବାଜାକୁରା ନାମକ ଏକ ଫୁଲର ଚାଦରରେ। ଗୋଲାପୀ, ଧଳା, ଈଷତ୍ ବାଇଗଣୀ ଭଳି ୬ଟି ରଙ୍ଗର ଏହି ଫୁଲର ଚାଦର ୨.୪ ହେକ୍ଟର ଜମିରେ ବ୍ୟାପିଥାଏ। ଭିନ୍ନ ଭିନ୍ନ ରଙ୍ଗର ଏହି ଫୁଲର ଚାଦର ଲାଗେ ଖୁବ ଆକର୍ଷକ। ଯେତେବେଳେ ପ୍ରଥମେ ଏହି ଫୁଲ ଫୁଟେ, ଏଠାରେ 'ଫୁଜି ଶିବଜାକୁରା ଉତ୍ସବ ପାଳନ କରାଯାଇଥାଏ।

**ରକ୍ତ ବର୍ଣ୍ଣର ଲେକ ନାଟ୍ରୋନ୍:**

ତାଞ୍ଜାନିଆର ଏହି ହ୍ରଦଟି ଏତେ ମାତ୍ରାରେ ଲବଣାକ୍ତ ଓ ସୋଡ଼ାରେ ପରିପୂର୍ଣ୍ଣ ଯେ, ଏହାର ଜଳରେ କୌଣସି ଉଦ୍ଭିଦ ଜୀବିତ ରହିପାରନ୍ତି ନାହିଁ। ଯା ମଧରେ ଅନେକ ଖଣିଜ ଦ୍ରବ୍ୟରେ ଭରା ଉଷ୍ମ ଝରଣା ବି ରହିଛି। ଏହି ହ୍ରଦର ଗଭୀରତା ବିଶେଷ ନୁହେଁ। ତା'ସହ ଅନିୟମିତ, କମ ବୃଷ୍ଟିପାତ ଓ ଅତ୍ୟଧିକ ବାଷ୍ପୀକରଣ ଯୋଗୁଁ ହ୍ରଦର ଶଯ୍ୟାରେ ସୋଡ଼ିୟମ କାର୍ବୋନେଟ୍ ଡିହାଇଡ୍ରେଟ ଓ ସୋଡ଼ିୟମ ସେସ୍କିଉକାର୍ବୋନେଟ ଡିଜାଇଡ୍ରେଟ୍ ପଡ଼ିରହେ। ଏହାର ଶଯ୍ୟାରେ ବହୁ ବର୍ଷ ପୂର୍ବରୁ ଲାଭା ମଧ ଜମି ରହିଛି। ଆଉ ହ୍ରଦର ଜଳ କଠିନରେ ପରିଣତ ହୋଇଯାଇଛି। ଫଳରେ ହ୍ରଦରେ ଲାଲ ଓ କମଳା ରଙ୍ଗର ବିଭିନ୍ନ ଆକୃତିର ଆସ୍ତରଣ ଦେଖାଯାଏ। ଏଭଳି ଦୃଶ୍ୟ ବହୁଦୂର ପର୍ଯ୍ୟନ୍ତ ବ୍ୟାପିଥାଏ।



# ଚା' ବଗିଚା

**ଚା ଚାଷ ପାଇଁ ଭାରତର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ବିଶେଷକରି ଭାରତର ବିଭିନ୍ନ ସ୍ଥାନରେ ଥିବା ଚା ବଗିଚାଗୁଡ଼ିକର ସୌନ୍ଦର୍ଯ୍ୟ ସବୁ ବର୍ଗର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏପରିକି ବିଦେଶୀ ପର୍ଯ୍ୟଟକମାନେ ବି ଭାରତକୁ ବୁଲି ଆସିଲା ବେଳେ ଏଠାରେ ଥିବା ଚା ବଗିଚାକୁ ଦେଖିବାକୁ ଆଦୌ ଭୁଲନ୍ତି ନାହିଁ। ତେଣୁ ଏଥରର ପର୍ଯ୍ୟଟନରେ ଭାରତରେ ଥିବା ସେହିଭଳି କିଛି ଲୋକପ୍ରିୟ ଚା ବଗିଚାକୁ ନେଇ ଏହି ଉପସ୍ଥାପନା....**

**ଦାର୍ଜିଲିଂ:**

ଏହା ହେଉଛି ଭାରତର ଏକ ଲୋକପ୍ରିୟ ହିଲଷ୍ଟେସନ। ତାଛଡ଼ା ଏଠାରେ ହେଉଥିବା ଚା' ଚାଷ ବି ବେଶ୍ ପ୍ରସିଦ୍ଧ। ଭାରତରେ ହେଉଥିବା ସର୍ବାମୋଟ ଚା ଉତ୍ପାଦନରୁ ପ୍ରାୟ ୨୫ ପ୍ରତିଶତ ଚା ଦାର୍ଜିଲିଂରୁ ହିଁ ଆସିଥାଏ। ବିଶେଷକରି ଏଠାରେ ଥିବା ହାପି ଭ୍ୟାଲିଟି ଇଷ୍ଟେଟ ତରଫରୁ ଚାଷ କରାଯାଉଥିବା ଚାର କ୍ୱାଲିଟି ଖୁବ୍ ଉନ୍ନତ। ସମୁଦ୍ର ପତ୍ତନ ଠାରୁ ପ୍ରାୟ ୨୧୦୦ ମିଟର ଉଚ୍ଚତାରେ ଥିବା ଏଠାକାର ଚା ବଗିଚାଟି ପୃଥିବୀର ଏକ ଉଚ୍ଚତମ ଚା' ବଗିଚା ଅଟେ। ଏହି ଚା ବଗିଚାଟି ପର୍ଯ୍ୟଟକଙ୍କ ବୁଲିବା ନିମନ୍ତେ ମଙ୍ଗଳବାରୁ ଶନିବାର ପର୍ଯ୍ୟନ୍ତ ସକାଳ ୮ଟାରୁ ଅପରାହ୍ନ ୪ଟା ଯାଏଁ ଖୋଲା ରହିଥାଏ। ତେବେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଦାର୍ଜିଲିଂର ଚା ବଗିଚାକୁ ବୁଲି ଦେଖିବା ପାଇଁ ମାର୍ଚ୍ଚରୁ ନଭେମ୍ବର ହେଉଛି ସବୁଠାରୁ ଉପଯୁକ୍ତ ସମୟ। କିନ୍ତୁ ଜୁନରୁ ସେପ୍ଟେମ୍ବର ବର୍ଷାଦିନ ହୋଇଥିବା ଯୋଗୁଁ ଏ ସମୟର ନଯାଇ ବାକି ଅନ୍ୟ ସମୟରେ ଏଠାକୁ ବୁଲିଯିବା ଠିକ୍ ହେବ।



ଭାରତର ପ୍ରଥମ ଚା ମ୍ୟୁଜିୟମ, ଯେଉଁଠାରେ ମୁନ୍ନାରରେ ଆରମ୍ଭ କରାଯାଇଥିବା ଚା ଚାଷର ପୁରୁଣା ଇତିହାସ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବାକୁ ମିଳିଥାଏ। ସୋମବାରକୁ ଛାଡ଼ିଦେଲେ ବାକି ଅନ୍ୟ ଦିନମାନଙ୍କରେ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ଯାଏଁ ଏହି ଚା ମ୍ୟୁଜିୟମ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଖୋଲା ରହିଥାଏ। କୁଣ୍ଡାଲେ ଟି ପ୍ଲାଣ୍ଟେଶନ, ଯାହା ଏକ ହ୍ରଦର ଠିକ ମଝିଆ ମଝି ସ୍ଥାନରେ ଅବସ୍ଥିତ ରହି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ତେବେ ଏଠାକୁ ପର୍ଯ୍ୟଟନରେ ଯିବା ପାଇଁ ଅଗଷ୍ଟରୁ ମେ ହେଉଛି ପ୍ରକୃଷ୍ଟ ସମୟ। କିନ୍ତୁ ଡିସେମ୍ବରରୁ ଜାନୁଆରୀ ଭିତରେ ଏଠାରେ ପ୍ରବଳ ଶୀତ ଅନୁଭୂତ ହେଉଥିବା ଯୋଗୁ ଏ ସମୟରେ ନଯାଇ ବାକି ଅନ୍ୟ ସମୟରେ ବୁଲିଯିବା ଠିକ୍ ହେବ।

**ନୀଳଗିରି:**

ଭାରତରେ ଏହି ସ୍ଥାନଟି ଏଥିପାଇଁ ପ୍ରସିଦ୍ଧ, କାରଣ ଆଜକୁ ପ୍ରାୟ ୧୦୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ଚା ଚାଷ କରାଯାଉଛି। ନୀଳଗିରି ପାହାଡ଼ ଉପରେ କରାଯାଉଥିବା ଚା' ଚାଷର ଏକ ନିଆରା ବାସ୍ନା ରହିଛି। ନୀଳଗିରି ନିକଟରେ କୁନୁର ନାମକ ଏକ ସ୍ଥାନ ରହିଛି, ଯେଉଁଠି ପର୍ଯ୍ୟଟକ ଖୁବ ସୁନ୍ଦର ସୁନ୍ଦର ଚା ବଗିଚା ଦେଖିବାର ମଜା ନେଇପାରିବେ। ଖାସ୍ ସେଇଥିପାଇଁ ଏଠାକୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ବୁଲି ଆସିଥାନ୍ତି।

**ୱାୟନାଡ଼:**

କେରଳରେ ଥିବା ଏହି ସ୍ଥାନରେ ଚା ସମେତ ଆହୁରି ଅନେକ କିଛି ଚାଷ କରାଯାଇଥାଏ। ମସଲାଠାରୁ ଆରମ୍ଭ କରି କଫି ଇତ୍ୟାଦିର ପ୍ରଡ଼କ୍ସନ ମଧ ଏଠାରେ ହୋଇଥାଏ। ବିଶେଷକରି ଏଠାକାର କାଲପେଟ୍ଟା ଠାରେ ଅଧିକ ମାତ୍ରାରେ ଚା ଚାଷ କରାଯାଇଥାଏ। ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ଚା ବଗିଚାଗୁଡ଼ିକୁ ବୁଲି ଦେଖିବା ସହିତ ଟ୍ରେକିଂ କରିବାର ମଜା ମଧ ନେଇପାରିବେ। ତେବେ ବର୍ଷାଦିନକୁ ଛାଡ଼ିଦେଲେ ବାକି ଅନ୍ୟ ସମୟରେ ଏଠାକୁ ବୁଲି ଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଯାଇଥାଏ।



**ଆସାମ:**

ଆସାମ ଚା ଚମକପ୍ରଦ ରଙ୍ଗ ତଥା ଉତ୍ତମ ଫ୍ଲେଭର ପାଇଁ ବିଶ୍ୱ ଦରବାରରେ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ଏହାକୁ ଦେଶର ଏକ ବଡ଼ ଚା ଉତ୍ପାଦନ କ୍ଷେତ୍ର ଭାବେ ମଧ ବିବେଚନା କରାଯାଇଥାଏ। ତେଣୁ କେହି କେହି ଏହି ସ୍ଥାନଟି ଟି କ୍ୟାପିଟାଲ ଅଫ ଦି ୱାର୍ଲ୍ଡ ବୋଲି ବି କହିଥାନ୍ତି। ବିଶେଷକରି ଏଠାରେ ଥିବା ଜୋରହାଟରେ ପ୍ରତିବର୍ଷ ଏକ ଚା' ଉତ୍ସବ ପାଳନ କରାଯାଇଥାଏ। ଜୋରହାଟ ଏବଂ ତାର ଆଖପାଖ ଅଞ୍ଚଳରେ ଛୋଟବଡ଼ ହୋଇ ଏକାଧିକ ଚା ବଗିଚା ଥିବାର ଦେଖିବାକୁ ମିଳିଥାଏ।

**ମୁନ୍ନାର:**

ଏହା କେରଳର ପ୍ରସିଦ୍ଧ ହିଲ୍‌ଷ୍ଟେସନ ହୋଇଥିଲେ ହେଁ, ଏଠାରେ ମାଇଲ ମାଇଲ ଦୂର ପର୍ଯ୍ୟନ୍ତ କରାଯାଉଥିବା ଚା ଚାଷ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଏଠାକାର ନାଲାଥାନ୍ନି ଇଷ୍ଟେଟରେ ରହିଛି



**ରଙ୍ଗୀନ ଟ୍ୟୁଲିପ କ୍ଷେତ:**

ନୀଳ ଆକାଶ ତଳେ ରଙ୍ଗ ବେରଙ୍ଗ ଟ୍ୟୁଲିପ ଫୁଲରେ ଗାଲିଚା। ଲାଗେ ସତେ ଯେମିତି ଦୁହେଁ ଦୁହିଁଙ୍କୁ ନିବିଡ଼ ଭାବେ ଚାହିଁହିଛନ୍ତି। ହଲାଣ୍ଡର ଉତ୍ତର-ପୂର୍ବ ପୋଲ୍ଡରରେ ଦେଖିବାକୁ ମିଳେ ଏଭଳି ଚମତ୍କାର ଦୃଶ୍ୟ। ମାର୍ଚ୍ଚ ମାସ ମଧଭାଗରୁ ମେ' ଶେଷ ପର୍ଯ୍ୟନ୍ତ ଏଠାକାର ଟ୍ୟୁଲିପ କ୍ଷେତରେ ଦେଖିବାକୁ ମିଳେ ବିଭିନ୍ନ ରଙ୍ଗର ଟ୍ୟୁଲିପର ସମ୍ଭାର। ଧାଡ଼ିଧାଡ଼ି ହୋଇ ଲାଗିଥିବା ଏହି ରଙ୍ଗୀନ ଫୁଲକୁ ଦେଖିଲେ ଯେ କେହି ବି ହୋଇଯିବେ ଆନମନା।



# ସ୍ମାର୍ଟଫୋନ ସ୍କ୍ରିନ ସ୍କ୍ରାଚ ହୋଇଛି କି ?



ଯଦି ସ୍କ୍ରାଚ ହାଲକା ତ ସ୍କ୍ରିନ ଗାର୍ଡ଼ ବଦଳାଇବା ଅପେକ୍ଷା ଏହାକୁ ଟୁଥ୍‌ପେଷ୍ଟର ସାହାରା ନେଇ କ୍ଲିୟର କରାଯାଇପାରେ। ଅଳ୍ପ କିଛି ଟୁଥ୍‌ପେଷ୍ଟ ନେଇ ସ୍କ୍ରିନରେ ଲଗାନ୍ତୁ। ଏହାପରେ ନରମ କପଡ଼ାରେ ସ୍କ୍ରିନକୁ ପୋଛନ୍ତୁ। ସ୍କ୍ରିନରେ ହାଲକା ଦାଗ ଚାଲିଯିବ। ବେକିଙ୍ଗ ସୋଡ଼ା ବ୍ୟବହାର ମଧ କରିପାରନ୍ତି। ବେକିଙ୍ଗ ସୋଡ଼ାରେ କିଛି ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରି ଏକ ହାଲକା କପଡ଼ାରେ ସ୍କ୍ରିନ ସ୍କ୍ରାଚ ହୋଇଥିବା ସ୍ଥାନରେ ଗୋଲ ଗୋଲ କରି ଧିରେ ଧିରେ ଘଷନ୍ତୁ। ଟିକେ ଟାଇମ ଲାଗିବ କିନ୍ତୁ ଏଭଳି ପ୍ରୋସେସ୍ ଦୁଇତିନିଥର କରନ୍ତୁ। ଏହାପରେ ସ୍କ୍ରିନକୁ ହାଲକା କପଡ଼ାରେ ପୋଛିଦିଅନ୍ତୁ, ଦେଖିବେ ସ୍କ୍ରିନ ସଫା ହୋଇଯାଇଥିବ। ଏହା ବାଦ ଭେଜିଟେବଲ ଅଏଲ ଏବଂ ଭେସଲିନର ସାହାଯ୍ୟ ନେଇ ମଧ ଏହାକୁ ସଫା କରାଯାଇପାରେ।

# ବୁଲେଟ୍‌ପ୍ରୁଫ୍ ଫର୍ନିଚର

ବିଶ୍ୱରେ ଆତଙ୍କବାଦୀ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଶେକେରି ଏହି ଆକ୍ରମଣରେ ଶିକାର ହୋଇଥାନ୍ତି ସାଧାରଣ ଲୋକ ଅନେକ ସମୟରେ ବାହାରେ ଚାଲିଥିବା ଆଖିବୁଜା ଗୁଳିବର୍ଷଣ ଘରର କାନ୍ଥ ଭେଦ କରି ଘର ଭିତରକୁ ଚାଲି ଆସିଥାଏ। ଏହା ଲୋକଙ୍କ ମନରେ ଭୟ ସୃଷ୍ଟି କରିଥାଏ। ଏହାକୁ ଦୃଷ୍ଟିରେ ରଖି ସ୍କଟର 'ଓସ୍‌ଡିନ ସିଲ୍ଡ' ନାମକ ଏକ କମ୍ପାନୀ ଏଭଳି ଫର୍ନିଚର ପ୍ରସ୍ତୁତ କରିଛି, ଯାହା ବୁଲେଟ ପ୍ରୁଫ। ଅର୍ଥାତ ଏହା ଗୁଳିବର୍ଷଣରୁ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବ। ଏହି ସୋଫା ଏବଂ ଚେୟାରର ଆତ୍ମରକ୍ଷା ନିମନ୍ତେ ଏପରି ଅସ୍ତ୍ରଶସ୍ତ୍ର ସଂଯୋଗ ରାଯାଇଛି, ଯାହାକୁ କବଚ ପରି ବ୍ୟବହର କରି ଗୁଳିବର୍ଷଣରୁ ବର୍ତ୍ତିହେବ।

# ଡେଲି ଘିଅ ଖାଆନ୍ତୁ



ହେଲ୍‌ଦୀ ହାର୍ଟ ପାଇଁ ରେଗୁଲାର ଗୋଟିଏ ଚାମଚ ଦେଶୀ ଘିଅ ଖାଇବା ଉଚିତ। ଏହା ହାର୍ଟର ଭେନ ଗ୍ଲୁକୋଜରୁ ରକ୍ଷା କରିଥାଏ। ଏଥିରେ ଭିଟାମିନ କେ-୨ ଅଧିକ ମାତ୍ରାରେ ଥିବାରୁ ହାଡ଼ଯାଏ କ୍ୟାଲସିୟମ ପହଞ୍ଚାଇବାର କାମ କରିଥାଏ। ଏହାକୁ ରେଗୁଲାର ଡାଏଟରେ ହାତ ମଜବୁତ ହୋଇଥାଏ। ଏଥିରେ ପ୍ରଚୁର ଆଣ୍ଟିଅକସିଡାଣ୍ଟ ରହିଥିବାରୁ ହେଲ୍‌ଦୀ ସ୍କିନ ପାଇଁ ଏହା ହେଲ୍ପଫୁଲ ହୋଇଥାଏ। ଘିଅ ଖାଇଲେ ବଡ଼ିରେ ଭାଇଲରି ଲିପିଡ଼ ଫ୍ଲୋ ବଢ଼ିଯାଇଥାଏ। ଏହି କାରଣରୁ ବ୍ଲଡ଼ ଏବଂ ଆନ୍ତ୍ରରେ ରହିଥିବା ଖରାପ କୋଲେଷ୍ଟେରଲ କମ ହୋଇଯାଏ। ଘିଅକୁ ରେଗୁଲାର ଡାଏଟରେ ନେଲେ ମେଟାବଲଜିମ ସଠିକ୍ ଭାବେ କାମ କରିଥାଏ। ଏହାଦ୍ୱାରା ଇମ୍ୟୁନିଟି ପାୱାର ବଢ଼ିଯାଏ ଏବଂ ବଡ଼ି ଇନଫେକ୍ସନ କମ୍ ହେବା ସହିତ ରୋଗ କମ ହୋଇଥାଏ। ଯଦି ଅସହ୍ୟ ମୁଣ୍ଡବିନ୍ଧା ହେଉଛି ତ ୨-୩ ବୁନ୍ଦା ଗାଈ ଘିଅ ନାକରେ ପକାଇଦିଅନ୍ତୁ। ଦେଖିବେ ବିନ୍ଧା କମ ହୋଇଯିବ। ଶରୀରର କୌଣସି ସ୍ଥାନ ପୋଡ଼ିଗଲେ ସେଠାରେ ତୁରନ୍ତ ଘିଅ ଲଗାନ୍ତୁ। ଏହା ପୋଡ଼ାରୁ ତ ରକ୍ଷାକରିଥାଏ ତାଛଡ଼ା ପୋଡ଼ିଯାଇଥିବା ସ୍ଥାନ ଫୁଲିବାକୁ ଦିଏନାହିଁ। ଏସିଡିଟି ଏବଂ କବ୍ ଜ ପାଇଁ ଘିଅ ଖୁବ୍ ଭଲ। ରେଗୁଲାର ଘିଅ ଖାଇଲେ ଏସିଡିଟି, କବଜର ପ୍ରୋବ୍ଲେମ କମ ହୋଇଯାଇଥାଏ। ଯଦି ଦୁର୍ବଳ ଲାଗୁଛି ତ ଗୋଟିଏ ଗ୍ଲାସ କ୍ଷୀରରେ ଗୋଟିଏ ଚାମଚ ଗାଈ ଘିଅ ଏବଂ ମିଶ୍ରି ମିଶାଇ ପିଇଲେ ତୁରନ୍ତ କାର୍ଯ୍ୟ କରିଥାଏ ଏବଂ ଦୁର୍ବଳ ପଣ କମି ସୁସ୍ଥ ଲାଗିଥାଏ। ଯେଉଁମାନେ ପତଳା ସେମାନଙ୍କ ପାଇଁ ଘିଅ ଏକଦମ ଭଲ। ଯେହେତୁ ଏଥିରେ ଫ୍ୟାଟ ଅଧିକ ଥାଏ ତ ଏହା ଓଜନ ବଢ଼ାଇବାରେ ସହାୟକ ହୋଇଥାଏ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୨ ଜାନୁଆରୀ ୨୦୨୪, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶିକ୍ଷାର ଗୁଣାତ୍ମକ ମାନ...

ଏବେ ପ୍ରକାଶ ପାଇଥିବା ସଦ୍ୟତମ ସଂସ୍କରଣ ପ୍ରକାଶ ପାଇଛି ଶିକ୍ଷା ରିପୋର୍ଟର ବାର୍ଷିକ ସ୍ଥିତି ବା ଆନୁଆଲ ଷ୍ଟାଟସ୍ ଅଫ୍ ଏଜୁକେସନ୍ ରିପୋର୍ଟ ମୋଟାମୋଟି କେତେକାଂଶରେ ଉତ୍ସାହଜନକ ତଥ୍ୟଗୁଡ଼ିକ ସହିତ କେତେକ ସବୁଦିନ ପାଇଁ ବନ୍ଦ କରିବା କାର୍ଯ୍ୟର ବାର୍ତ୍ତାକୁ ସମ୍ମିଶ୍ରିତ ଭାବରେ ବହନ କରି ଆଣିଛି । ରିପୋର୍ଟରୁ ଯେଉଁ ପ୍ରମୁଖ ପ୍ରସଙ୍ଗଟିକୁ ପ୍ରାଥମିକତାର ସହିତ ବିଚାର କରାଯିବା ପାଇଁ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି, ତାହା ହେଉଛି- ଗ୍ରାମୀଣ ଭାରତରେ ଶିକ୍ଷାର ବାସ୍ତବ ସ୍ଥିତି ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ଏକ ରାଷ୍ଟ୍ର ଭାବରେ ଗୁଣାତ୍ମକ ମାନ ଏବଂ ନିଷ୍ପକ୍ଷତା ଉପରେ କାମ କରାଯିବା। ନିଃସନ୍ଦେହରେ ମହାମାରୀ କୋଭିଡ୍-୧୯ ଦେଶର ଛୋଟ ପିଲାମାନଙ୍କ ପାଇଁ ଏକ କଷ୍ଟକର ସମୟ ବହନ କରି ଆଣିଥିଲା, କିନ୍ତୁ ଏହାର ପ୍ରକୃତ ପ୍ରଭାବ କିପରି ଥିଲା, ତାହା ଏବେ ଉପରୋକ୍ତ ରିପୋର୍ଟ ଜରିଆରେ ସମ୍ମୁଖକୁ ଆସିଛି । ଏହି ଦେଶବ୍ୟାପି ନାଗରିକମାନଙ୍କ ପାଇଁ ଅନୁଷ୍ଠିତ ପାରିବାରିକ ସର୍ଭେ ୧୪ରୁ ୧୮ ବର୍ଷ ବୟସର ବିଦ୍ୟାର୍ଥୀମାନଙ୍କର ସ୍କୁଲରେ ପଢ଼ିବା ଏବଂ ଶିକ୍ଷଣର ଫଳାଫଳର ସ୍ଥିତିର ଏକ ଝଲକ ପ୍ରଦାନ କରିଛି, ଏବଂ ଏହା ଉଲ୍ଲେଖ କରିଛି ଯେ ସବୁ ପିଲାଙ୍କ ମଧ୍ୟରୁ ମୋଟାମୋଟି ୮୬.୮ ପ୍ରତିଶତ ହୁଏତ ସ୍କୁଲ ବା କଲେଜରେ ନାମ ଲେଖାଇଛନ୍ତି, ଯାହା ଆମ ଦେଶର ଐତିହାସିକ ପଛୁଆ ସ୍ଥିତି ପରିପ୍ରେକ୍ଷୀରେ ଏକ ଉତ୍ସାହଜନକ ସଂଖ୍ୟା । ତେବେ ସର୍ଭେରୁ ମିଳିଥିବା ବାସ୍ତବ ତଥ୍ୟ- ଏହି ପ୍ରତିଶତ ଭିତରୁ ୧୮ ବର୍ଷର ବିଦ୍ୟାର୍ଥୀମାନଙ୍କର ପ୍ରାୟ ଏକ ତୃତୀୟାଂଶ ବା ୩୨.୬ ପ୍ରତିଶତ କଲେଜ ଯାଆନ୍ତି ନାହିଁ, ଅତ୍ୟନ୍ତ ନିରାଶାଜନକ କହିଲେ ଅତ୍ୟୁକ୍ତି ହେବନାହିଁ । ଅନ୍ୟ ଏକ ତଥ୍ୟ ହେଉଛି- ସର୍ଭେ କରାଯାଇଥିବା ଛୋଟ ପିଲାମାନଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ ପିଲା ସେମାନଙ୍କ ଆଞ୍ଚଳିକ ଭାଷାରେ ଦ୍ୱିତୀୟ ଶ୍ରେଣୀ ସ୍ତରର ପାଠ୍ୟକୁ ସ୍ୱଚ୍ଛନ୍ଦରେ ପାଠ କରିପାରି ନଥିଲେ, ଏବଂ ଏକ ଉଲ୍ଲେଖନୀୟ ସଂଖ୍ୟକ ୪୨.୭ ପ୍ରତିଶତ ପିଲା ଇଂରାଜୀରେ ବାକ୍ୟଗୁଡ଼ିକୁ ମଧ୍ୟ ପଢ଼ି ପାରି ନଥିଲେ, ଯାହା ଏକ ହତଚକିତ କରିଦେବା ଭଳି ଆବିଷ୍କାର । 'ଅସର ୨୦୨୩: ବିୟୋଣ୍ଡ ବେସିକ୍ସ' ଶୀର୍ଷକରେ ଏକ ନାଗରିକ ସମାଜ ଅନୁଷ୍ଠାନ 'ପ୍ରଥମ' ଦ୍ୱାରା କରାଯାଇଥିବା ଏହି ସର୍ଭେ ରିପୋର୍ଟ ୨୬ଟି ରାଜ୍ୟର ୨୮ଟି ଜିଲ୍ଲାରେ ୩୪,୭୪୫ ପିଲାଙ୍କୁ ଅନ୍ତର୍ଭୁକ୍ତ କରିଛି ତା'ର ସର୍ଭେରେ ଏବଂ ଦର୍ଶାଇଛି ଯେ ବିଦ୍ୟାଳୟକୁ ଯିବା ସେମାନଙ୍କ ଭିତ୍ତିଭୂମି ସାକ୍ଷରତା ଏବଂ ସାଂଖ୍ୟକ ଦକ୍ଷତାରେ ସେପରି କିଛି ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରି ନାହିଁ, ଏବଂ ସମୟ ଅତିକ୍ରାନ୍ତ ହେବା ସହିତ ଅର୍ଥାତ୍ ପିଲାମାନେ ଯେତେ ଯେତେ ଆଗକୁ ପଢ଼ିଛନ୍ତି, ସେମାନଙ୍କ ଶିକ୍ଷାର ଅବସ୍ଥା ସେତେ ଅଧିକ ଖରାପ ହୋଇ ଯାଇଛି । ସର୍ଭେ ଜାଣିବାକୁ ପାଇଛି ଯେ ୨୦୧୭ରେ ୭୬.୬ ପ୍ରତିଶତ ପିଲା ୨ୟ ଶ୍ରେଣୀର ପାଠ୍ୟ ପଢ଼ି ପାରୁଥିଲେ, କିନ୍ତୁ ସେହି ଭାଗ ୨୦୨୩ ବେଳକୁ ସାମାନ୍ୟ କମି ୭୩.୬ ପ୍ରତିଶତକୁ ଆସିଛି । ତେବେ ଗଣିତ କ୍ଷେତ୍ରରେ ଦୃଶ୍ୟପଟ ଟିକେ ଭଲ- ୨୦୧୭ରେ ମାତ୍ର ୩୯.୫ ପ୍ରତିଶତ ପିଲା ସରଳ ହରଣ କରି ପାରୁଥିବା ବେଳେ ଏହି ହାର ବର୍ତ୍ତମାନ ୪୩.୩ ପ୍ରତିଶତକୁ ବୃଦ୍ଧି ପାଇଛି । ବାଳିକାମାନଙ୍କ ଅପେକ୍ଷା ବାଳକମାନେ ଅଧିକ ସଂଖ୍ୟାରେ ଷ୍ଟେମ୍ (ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ, ଗଣିତ)କୁ ସେମାନଙ୍କର ଅଧ୍ୟୟନର ବିଷୟବସ୍ତୁ ଭାବରେ ବାଛୁଛନ୍ତି । ପିଲାମାନଙ୍କ ମଧ୍ୟରୁ ପ୍ରାୟ ଦୁଇ-ତୃତୀୟାଂଶଙ୍କର ହୁଏତ କମ୍ପ୍ୟୁଟରଟିଏ ନାହିଁ ବା ସେମାନେ ଏହାକୁ ଚଳାଇବା ଜାଣନ୍ତି ନାହିଁ । ୯୨ ପ୍ରତିଶତ ପିଲା ସ୍ମାର୍ଟଫୋନ୍ ବ୍ୟବହାର କରିବାର କୌଶଳ ଜାଣିଥିବା ବେଳେ ମାତ୍ର ୨୦ ପ୍ରତିଶତ ବାଳକ ଏବଂ ୯ ପ୍ରତିଶତ ବାଳିକା କଦାଚିତ୍ ଇମେଲ୍‌ଟିଏ ପଠାଇଛନ୍ତି; ଅଧିକାଂଶ ପିଲା ଅନ୍‌ଲାଇନ୍ ନିରାପତ୍ତା ବିଷୟରେ ସଚେତନ ନୁହନ୍ତି। ମନରେ ଆଶାର ସଂଚାର କରିବା ଭଳି ସର୍ଭେର ଏକ ସମ୍ବାଦ ହେଉଛି ଯେ ଆଗରୁ ଯେପରି ଆଶଙ୍କା କରାଯାଉଥିଲା କି କୋଭିଡ୍- ୧୯ ମହାମାରୀ ବ୍ୟାପକ ସଂଖ୍ୟାରେ ପିଲାଙ୍କୁ ପାଠ ଛାଡ଼ିବା ପାଇଁ ବାଧ୍ୟ କରିବ, ସେପରି କିଛି ହୋଇନାହିଁ । ପୁନଶ୍ଚ, ସର୍ଭେ ଉଲ୍ଲେଖ କରିଛି- ମାଧ୍ୟମିକ ଶିକ୍ଷାକୁ ସାର୍ବଜନୀନ କରିବା ଉପରେ ସରକାରଙ୍କ ଗୁରୁତ୍ୱ ପ୍ରଦାନ ଫଳରେ ସ୍କୁଲ ବାହାରେ ରହୁଥିବା ପିଲା ଏବଂ ଯୁବ ପିଢ଼ିଙ୍କ ସଂଖ୍ୟାରେ ଅବନତି ଘଟି ଚାଲିଛି। ସର୍ଭେରୁ ମିଳିଥିବା ଫଳାଫଳଗୁଡ଼ିକର ସାରାଂଶ ହେଉଛି- ଆମ ଦେଶରେ ପିଲାମାନଙ୍କୁ ୧୪ ବର୍ଷ ବୟସର ହେବା ପର୍ଯ୍ୟନ୍ତ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ରହିଥିବା ସାମ୍ବିଧାନିକ ବାଧ୍ୟତା ଅନେକ ପରିମାଣରେ ହାସଲ କରାଯାଇ ପାରିଛି ସତ, କିନ୍ତୁ ପିଲାମାନଙ୍କର ବୟସ ବଢ଼ିବା ସହିତ ଏହି ଗତିଶୀଳତାକୁ ବଜାୟ ରଖିବାରେ ଆମେ ସକ୍ଷମ ହୋଇପାରି ନାହୁଁ । ଏହା ବାଦ୍ ଶିକ୍ଷାର ସ୍ଥିତି ସମ୍ବନ୍ଧୀୟ ଫଳାଫଳ ମଧ୍ୟ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ଶିକ୍ଷାର ଗୁଣାତ୍ମକ ମାନ ଉପରେ ପ୍ରଶ୍ନ ଉଠାଉଛି । ସଙ୍ଗେ ସଙ୍ଗେ ବାଳିକା ବା ଝିଅମାନେ ବାଳକ ବା ପୁଅମାନଙ୍କ ସହିତ ସମତାଳରେ ଚାଲିବାକୁ ସୁନିଶ୍ଚିତ କରିବା ନିମନ୍ତେ ଆମକୁ ଆହୁରି ଅନେକ କିଛି କରିବାକୁ ବାକି ରହିଛି। ୧୮ ବର୍ଷ ବୟସରେ ଶିକ୍ଷା ବ୍ୟବସ୍ଥାରୁ ଅନେକ ସଂଖ୍ୟକ ପିଲା ଓହରି ଆସିବା ଏହାର ନିଜର କେତେକ ସମସ୍ୟାକୁ ସାମିଲ କରୁଥିବା ବେଳେ ଶିକ୍ଷା ଦୃଷ୍ଟିରୁ କର୍ମନିଯୁକ୍ତଯୋଗ୍ୟତା ମଧ୍ୟ ନିରୁତ୍ସାହଜନକ। ସମ୍ପ୍ରତି ଆରମ୍ଭ କରାଯାଇଥିବା ନୂତନ ଶିକ୍ଷା ନୀତି ନିହାତି କମ୍‌ରେ ଏସବୁ ପ୍ରଶ୍ନ ମଧ୍ୟରୁ କେତେକର ସମାଧାନ ବାହାର କରିବା ନିମନ୍ତେ କାମ ଆରମ୍ଭ କରିବ କି ?



# ରାଷ୍ଟ୍ରୀୟ ଅସ୍ମିତାର ପ୍ରତୀକ : ଶ୍ରୀରାମ ମନ୍ଦିର

### ନେତାଜୀ ତାପସ କୁମାର ସାହୁ

ଦୀର୍ଘ ୫୦୦ ବର୍ଷର ସଂଗ୍ରାମ ପରେ ଭାରତୀୟ ଅସ୍ମିତାର ପ୍ରତୀକ ଭାବେ ଅଯୋଧ୍ୟାର ଶ୍ରୀରାମ ମନ୍ଦିର ଆଜି ଭବ୍ୟତା ଓ ଦିବ୍ୟତାର ସହ ଦଣ୍ଡାୟମାନ ହୋଇଛି । ଭାରତର ତିନୋଟି ସ୍ଥାନରେ ପ୍ରତିଟି ଭାରତୀୟଙ୍କ ସ୍ୱତଃ ପ୍ରବୃତ୍ତ ଭାବେ ଅବଦାନ ରହିଛି ଯଥା କନ୍ୟାକୁମାରୀ ସ୍ଥିତ ବିବେକାନନ୍ଦ ଶିଳା ସ୍ମାରକୀ, ନର୍ମଦା ନଦୀ ତଟରେ ଥିବା ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ଏବଂ ଅଯୋଧ୍ୟାର ରାମ ମନ୍ଦିର । ବିଦେଶୀ ଆକ୍ରମଣକାରୀ ବାବର ନିଜର ସାମ୍ରାଜ୍ୟ ବିସ୍ତାର କରିବା ସହ ଭାରତର ଆତ୍ମା ଉପରେ କୁଠାରଘାତ କରି ୧୫୨୮ ମସିହାରେ ଏହି ରାମ ଜନ୍ମଭୂମିରେ ବାବ୍ରୀ ଢାଞ୍ଚା ନିର୍ମାଣ କରିଥିଲେ । କାରଣ ସେ ଭଲ ଭାବରେ ଜାଣିଥିଲେ ଭାରତରେ ଯଦି ଶାସନ କରିବାର ଅଛି ତେବେ ମନ୍ଦିର, ଧର୍ମଶାସ୍ତ୍ର ଓ କଳା ସଂସ୍କୃତିକୁ ହିଁ ଧ୍ୱଂସ କରିବାକୁ ହେବ । ଯାହାଙ୍କ ପଦାଙ୍କ ଅନୁସରଣ କରି ପରବର୍ତ୍ତୀ ସମୟରେ ଇଂରେଜ ମାନେ ମଧ୍ୟ ନାଳନ୍ଦା ବିଶ୍ୱବିଦ୍ୟାଳୟର ପାଠାଗାରକୁ ଜାଳି ଦେଇ ଆମର ଅନେକ କିଛି ଉପାଦେୟ ପୁସ୍ତକ, ଗ୍ରନ୍ଥ ଓ ପାଣ୍ଡୁଲିପିକୁ ସବୁଦିନ ପାଇଁ ଶେଷ କରିଦେଲେ । କୁହାଯାଏ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଥିବା ପୁସ୍ତକ ଗୁଡିକ ୬ ମାସରୁ ଅଧିକ ସମୟ ଧରି ଜଳିଥିଲା, ଏଇଠୁ ସ୍ପଷ୍ଟ ଅନୁମେୟ କେତେ ସଂଖ୍ୟକ ପୁସ୍ତକ ଆଜି ପାଉଁଶ ହୋଇଯାଇଛି ।

ତେଣୁ ବାବରଙ୍କ ଏହି ବର୍ବରତା ଥିଲା ଭାରତୀୟଙ୍କ ପାଇଁ କଳଙ୍କ, ଯାହାକୁ ଅଶୀ ଦଶକ ଶେଷ ଭାଗ ଏବଂ ନବେ ଦଶକର ଆରମ୍ଭରେ ବିଶ୍ୱ ହିନ୍ଦୁ ପରିଷଦ ପରିଷଦ ନେତୃତ୍ୱରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ତୀବ୍ରତର କରି ପରବର୍ତ୍ତୀ ସମୟରେ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡ଼ଭାନୀ, ମୁରଲୀ ମନୋହର ଯୋଶୀ, ସ୍ୱର୍ଗୀୟ ପ୍ରମୋଦ ମହାଜନ, ତତ୍କାଳୀନ ଗୁଜୁରାଟ ବିଜେପି ସାଙ୍ଗଠନିକ ସଚିବ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱର୍ଗୀୟ ଅଶୋକ ସିଙ୍ଘଲ, ସ୍ୱର୍ଗୀୟ ବାଲାସାହେବ ଠାକରେ, ଉମା ଭାରତୀ, ସାଧ୍ୱୀ ରିତୁମ୍ଭରା, ମହନ୍ତ ନୃତ୍ୟ ଗୋପାଳ ଦାସ ମହାରାଜଙ୍କ ପରି ଅନେକ ରାମ ପ୍ରେମୀଙ୍କ ମିଳିତ ଉଦ୍ୟମରେ 'ରାମ ରଥଯାତ୍ରା' ସୋମନାଥଠାରୁ ଅଯୋଧ୍ୟା ଯାଏଁ ଆୟୋଜନ କରାଯାଇଥିଲା, ଯାହାକି ପ୍ରତିଟି ସନାତନୀ ରାମ ଭକ୍ତଙ୍କ ତାଙ୍କ ଆରାଧ୍ୟଙ୍କ ପ୍ରତି ଥିବା ଭକ୍ତିକୁ ଆହୁରି ଜାଗ୍ରତ କରିଥିଲା । ଉତ୍ତର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମୁଲାୟମ ସିଂହ ଯାଦବଙ୍କ ରାମ ଭକ୍ତଙ୍କ ଉପରେ ଗୁଳି ଚାଳନା ବେଶ ହୃଦୟ ବିଦାରକ ଥିଲା । ରାମ କୋଠାରୀ ଓ ଶରଦ କୋଠାରୀଙ୍କ ବଳିଦାନ ତାଙ୍କୁ ସବୁଦିନ ପାଇଁ ଅମର କରି ରଖିବ । ତେବେ କେନ୍ଦ୍ରରେ ପି.ଭି. ନରସିଂହ ରାଓ ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶରେ କଲ୍ୟାଣ ସିଂଙ୍କର ସରକାର ଥିଲା ବେଳେ ୬ ଡିସେମ୍ବର ୧୯୯୨ ରେ ଏହି ବିବାଦିତ ଢାଞ୍ଚାକୁ ରାମ ଭକ୍ତ ମାନେ ଧ୍ୱସ୍ତ କରିଦେଇଥିଲେ । ଖାଲି ସେତିକି ନୁହେଁ ଦେଶର ପ୍ରତିଟି କୋଣ ଅନୁକୋଣରେ ରାମଙ୍କ ମନ୍ଦିର, ଦୈନିକ ରାମାୟଣ ପାଠ, ଦୀପାବଳି, ରାମଲୀଳା ଆୟୋଜନ କରାଯାଉଥିବା ବେଳେ ସମ୍ବିଧାନରେ ରାମ ଦରବାର ଫଟୋ ଥାଇ ସୁଦ୍ଧା ସୁପ୍ରିମକୋର୍ଟରେ ରାମଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ କାଳ୍ପନିକ ବୋଲି ତତ୍କାଳୀନ ସଂଯୁକ୍ତ ପ୍ରଗତିଶୀଳ ଗଠବନ୍ଧନର ସରକାର ଦାବି କରିଥିଲେ, ଯେବେ କି ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମନ୍ଦିରର ତାଲା ଖୋଲିଥିଲେ । ତେବେ ୨୦୧୦ ମସିହାରେ ଆହ୍ଲାବାଦ ହାଇକୋର୍ଟ ରାୟ ଦେଇ ଉକ୍ତ ଜମିକୁ ହିନ୍ଦୁ ପକ୍ଷ, ନିର୍ମୋହୀ ଆଖଡା ଏବଂ ସୁନି ୱାକଫ ବୋର୍ଡ଼ ମଧ୍ୟରେ ବାଣ୍ଟି ଦେଇଥିଲେ । ମାତ୍ର କୌଣସି ପକ୍ଷ ଏଥିରେ ରାଜି ନ ହେବାକୁ କଥା ସୁପ୍ରିମକୋର୍ଟ ଯାଇଥିଲା । ତେବେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଓ ଖନନ କାର୍ଯ୍ୟ ସମେତ ବିଭିନ୍ନ ପ୍ରମାଣ ଆଧାରରେ ସୁପ୍ରିମକୋର୍ଟ ଶେଷରେ ୫ ନଭେମ୍ବର ୨୦୧୯ରେ ହିନ୍ଦୁ ପକ୍ଷକୁ ସେହି ୨.୭୭ ଏକର ଜମି ଯେଉଁଠି ରାମ ଜନ୍ମ ହୋଇଥିଲେ ଏବଂ ତାଙ୍କର ମୂର୍ତ୍ତି ପ୍ରକଟ ହୋଇଥିଲେ ତାହାକୁ ରାମ ମନ୍ଦିର ନିର୍ମାଣ ପାଇଁ ଅନୁମତି ଦେଇଥିଲା ବେଳେ ମୁସଲମାନ ପକ୍ଷଙ୍କୁ ଅନତିଦୂରରେ ୫ ଏକର ଜାଗାରେ ମସଜିଦ ନିର୍ମାଣ ପାଇଁ ଜମି ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପଡୋଶୀ ଶ୍ରୀଲଙ୍କା, ନେପାଳ, ଭୁଟାନ, ଇଣ୍ଡୋନେସିଆ ପରି ଅନେକ ଦେଶରେ ରାମଙ୍କୁ ବିଶ୍ୱାସ କରି ପୂଜାର୍ଚ୍ଚନା



କରାଯାଉଥିବା ବେଳେ ଜନ୍ମଭୂମି ଭାରତରେ ରାମଙ୍କ ଅସ୍ତିତ୍ୱ ପାଇଁ ଦୀର୍ଘ ୫୦୦ ବର୍ଷର ସଂଗ୍ରାମ ବେଶ ଚକିତ କରେ। ରାମ ମନ୍ଦିର ନିର୍ମାଣ ପାଇଁ ରାୟ ନ ଆସିବା ଯାଏଁ ଅଯୋଧ୍ୟା ଫେରିବେ ନାହିଁ ବୋଲି ଦୃଢ ସଂକଳ୍ପ ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶେଷରେ ତାଙ୍କର ୨୯ ବର୍ଷ ଅପେକ୍ଷାର ଅନ୍ତ ଘଟାଇ ୫ ଅଗଷ୍ଟ ୨୦୨୦ ମସିହାରେ କରୋନା ମହାମାରୀ ମଧ୍ୟରେ ରାମ ମନ୍ଦିର ନିମନ୍ତେ ଭୂମି ପୂଜନ କରିଥିଲେ। ଆଜି ଯେଉଁ ମନ୍ଦିର ନିର୍ମାଣ ହୋଇଛି ତାହା ରାମ ମନ୍ଦିର ନିମନ୍ତେ ସଂଗୃହୀତ ଦାନ ରାଶିର ସୁଧରେ ହିଁ ହୋଇଛି ।

ପ୍ରଜାନୁରଞ୍ଜକ ପ୍ରଭୁ ଶ୍ରୀରାମଙ୍କ ଶାସନ ଓ ସେବା ମନୋଭାବ ବର୍ତ୍ତମାନର ଶାସନ ପ୍ରଣାଳୀ ଅନୁସରଣ କରିବା ଉଚିତ। ମାତା କୈକେୟୀ ହିଁ ରାମଙ୍କ ଦୀର୍ଘ ଭବିଷ୍ୟତ ଦେଖି ତାଙ୍କୁ ରାଜ ଉଆସ ମଧ୍ୟରେ ନ ରଖି କିପରି ଚକ୍ରବର୍ତ୍ତୀ ସମ୍ରାଟ ହେବେ ତଥା ପିଢି ପରେ ପିଢି ତାଙ୍କୁ ଲୋକେ ମାନେ ନିଜର ଆଦର୍ଶ ଭାବେ ଗ୍ରହଣ କରିବେ, ସେଇଥିପାଇଁ ନିଜର ପୁତ୍ର ଭରତଙ୍କୁ ପଛରେ ପକାଇ ରାମଙ୍କୁ ଆଗଭର କରିଥିଲେ। ସେ ସମୟରେ ୧୪ବର୍ଷ ଅଯୋଧ୍ୟାର ସିଂହାସନରେ ଯିଏବି ବସିଥାନ୍ତେ ତାଙ୍କୁ ବିପଦ ସହ ସଂଘର୍ଷ କରିବାକୁ ପଡିଥାନ୍ତା । ତେଣୁ କୈକେୟୀଙ୍କୁ ଭରତ ଯେତେବେଳେ ରାମଙ୍କ ବନବାସ ପାଇଁ ଦାୟୀ କରିଥିଲେ ସେତେବେଳେ ରାମ କହିଥିଲେ 'କୁପୁତ୍ର ଜାୟତେ କୋଚିଦପି କୁମାତା ନ ଭବତି', ଅର୍ଥାତ୍ ସନ୍ତାନ ଖରାପ ହୋଇପାରେ କିନ୍ତୁ




ମାଆ କେବେ ବି କୁମାତା ନୁହନ୍ତି । ତେଣୁ ସେଦିନ କୈକେୟୀଙ୍କ ମହତାକାଂକ୍ଷା ରାମଙ୍କୁ ତାଙ୍କର ସ୍ୱତନ୍ତ୍ର ପରିଚୟ ଆଜିବି ଦେଉଛି ଏବଂ ସବୁବେଳେ ଦେଉଥିବ । ଉକ୍ତ ୧୪ବର୍ଷରେ ପ୍ରଭୁ ରାମ ଭାରତର ବିଭିନ୍ନ ସ୍ଥାନରେ ନିଜର ଅମର ଅକ୍ଷୟ କୀର୍ତ୍ତି ଛାଡି ଦେଇ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ଦେଇଛନ୍ତି । ଅଧର୍ମର ବିସ୍ତାର କରୁଥିବା ଅତ୍ୟାଚାରୀ ରାକ୍ଷସ ମାନଙ୍କୁ ବଧ କରି ସନାତନ ଧର୍ମର ବାର୍ତ୍ତାବହକାରୀ ଋଷି ମହର୍ଷିମାନଙ୍କୁ ସୁରକ୍ଷା ଏକ ପକ୍ଷରେ ଦେଇଥିବା ବେଳେ ବିଜ୍ଞାନୀ କୈବର୍ତ୍ତ, ଅହଲ୍ୟା, ଶବରୀ, ଜଟାୟୁ, ହନୁମାନ, ଅଙ୍ଗଦ, ଜାମ୍ବବାନ, ଗୁଣ୍ଡୁଚିମୂଷାଙ୍କ ପ୍ରତି ରାମଙ୍କ ସଦ୍ଭାବନା ଆଜିର ସମୟରେ ଆମକୁ ପ୍ରେରଣା ଦେଇଥାଏ । ସେହିପରି ଅନ୍ୟାୟ ଓ ଅତ୍ୟାଚାରରେ ଜର୍ଜରିତ ସୁଗ୍ରୀବ ଓ ବିଭୀଷଣଙ୍କୁ ନ୍ୟାୟ ପ୍ରଦାନ ପୂର୍ବକ ସେମାନଙ୍କ ରାଜ୍ୟାଭିଷେକ କରିଥିଲେ। ରାମଚନ୍ଦ୍ର ରାବଣଙ୍କୁ ବଧ କରିଥିଲେ ସୁଦ୍ଧା ତାଙ୍କ ନିକଟରେ ଥିବା ରାଜନୀତି ଜ୍ଞାନ ଆହରଣ କରିବା ପାଇଁ ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଇଥିଲେ , କାରଣ ରାବଣ ନିକଟରେ ସମସ୍ତ ଜ୍ଞାନର ଭଣ୍ଡାର ଥିଲା । ଖାଲି ସେତିକି ନୁହେଁ ବର୍ତ୍ତମାନର ଧନୁଷକୋଟି ଠାରେ ଥିବା ରାମସେତୁ ଓ ରାମେଶ୍ୱରମ ଶିବ ଜ୍ୟୋତିର୍ଲିଙ୍ଗଙ୍କୁ ପ୍ରତିଷ୍ଠା କରିବା ପାଇଁ ଲଙ୍କେଶ ରାବଣ ଆସି ପୂଜା ବିଧି କରିବା ଏହି ବାର୍ତ୍ତା ଦିଏ ରାମ ରାବଣର ଅହଙ୍କାର ଓ ଅତ୍ୟାଚାରୀ ବିଚାରଧାରାର ପରିପନ୍ଥୀ ଥିଲେ କିନ୍ତୁ ତାଙ୍କ ନିକଟରେ ଥିବା ଜ୍ଞାନ ଓ ବିଦ୍ୟାକୁ କେବେ ବି ବିରୋଧ କରିନଥିଲେ । ତେଣୁ ରାଜନୀତିରେ ଏହି ବାର୍ତ୍ତା ଆଜି ଅନେକ ମହତ୍ତ୍ୱ ରଖେ । ବିଚାରାଧାରାର ବିରୋଧ ହେଉ କିନ୍ତୁ ରାଷ୍ଟ୍ର ହିତ ଓ ଜନ ସ୍ୱାର୍ଥ ପାଇଁ ବ୍ୟକ୍ତିଗତ ହିତକୁ ବଳି ଦେବା ଆବଶ୍ୟକ । ଲଙ୍କା ବିଜୟ ପରେ ଲକ୍ଷ୍ମଣ ରାମଙ୍କୁ କହିଥିଲେ ଅଯୋଧ୍ୟା ନ ଫେରି ସ୍ୱର୍ଣ୍ଣପୁରୀରେ ରହିବା ପାଇଁ। କିନ୍ତୁ ରାମ କହିଥିଲେ - 'ଅପି ସ୍ୱର୍ଣ୍ଣମୟୀ ଲଙ୍କା ନମେ ଲକ୍ଷ୍ମଣ ରୋଚତେ, ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି ।' ଅର୍ଥାତ ଜନନୀ ଓ ଜନ୍ମଭୂମି ସ୍ୱର୍ଗ ଠୁ ମଧ୍ୟ ବଡ । ଏହାପରେ ପିତୃ ସତ୍ୟ ପାଳନ ପୂର୍ବକ ଏବଂ ଚଉଦ ବର୍ଷ ବନବାସ ଶେଷ କରି ସଠିକ ସମୟରେ ଅଯୋଧ୍ୟା ଫେରିବା ଆଜି ଆମ ମାନଙ୍କୁ ବଚନ ରକ୍ଷାର ପ୍ରେରଣା ଦେଇଥାଏ । ସେଇଥିପାଇଁ କୁହାଯାଏ - 'ରଘୁକୂଳ ରୀତି ସଦା ଚଲି ଆଇ, ପ୍ରାଣ ଯାଏ ପର ବଚନ ନ ଯାଇ ।' ସେହିପରି ନିଜର ଉତ୍ତର ପିଢିକୁ କିପରି ସଂସ୍କାର ଦେବା ସହ ଗର୍ଭ ଧାରଣ ସମୟରୁ ସଠିକ ଭାବେ ଏହାର ଉଚିତ୍ ମାର୍ଗ ଦର୍ଶନ ହେବ, ସେଥିପାଇଁ ମାତା ସୀତାଙ୍କୁ ରାମଚନ୍ଦ୍ର ଦେଇଥିବା ପ୍ରତିଶ୍ରୁତି ମୁତାବକ ତାଙ୍କୁ ବାଲ୍ମିକୀ ଆଶ୍ରମରେ ମହର୍ଷି ବାଲ୍ମିକୀଙ୍କ ତତ୍ତ୍ୱାବଧାନରେ ରଖିଥିଲେ । ଯାହାର ଫଳ ସ୍ୱରୂପ ଲବ ଓ କୁଶ ଦୁଇ ରଘୁକୂଳ ଉଜ୍ଜ୍ୱଳକାରୀ ସୁପୁତ୍ର ଜନ୍ମ ହୋଇ ଅଶ୍ୱମେଧ ଯଜ୍ଞ ଓ ରାମ ସଭାରେ ନିଜ ପ୍ରତିଭାର ପରିଚୟ ଦେଇଥିଲେ ।

ସର୍ବୋପରି ପ୍ରଭୁ ଶ୍ରୀରାମଙ୍କ ପିତା ମାତାଙ୍କ ପ୍ରତି ଥିବା ଭକ୍ତି, ଭାଇ ଭାଇଙ୍କ ମଧ୍ୟରେ ଥିବା ଦୃଢ଼ ସମ୍ପର୍କ, ଧର୍ମର ସୁରକ୍ଷାକାରୀ ଋଷି ମହର୍ଷି ମାନଙ୍କୁ ସୁରକ୍ଷା, ବିଚକ୍ଷଣ କୂଟନୀତି ଓ ବିଦେଶ ନୀତି, ଜାତିବାଦ ଓ ବିଭେଦକାରୀ ରାଜନୀତି ଠୁ ଉପରକୁ ଉଠି ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖି ସମସ୍ତଙ୍କ ପାଇଁ ସମାନ ନିୟମ ତଥା ଶାସନ ପ୍ରଣାଳୀର ଦୂରଦର୍ଶିତା ହିଁ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମର ଆଖ୍ୟା ପ୍ରଦାନ କରିଛି । ତେଣୁ ରାମ ମନ୍ଦିର କେବଳ ଆଧ୍ୟାତ୍ମିକ ସ୍ଥଳ ନୁହ, ଏହା ରାମଙ୍କ ପ୍ରଦର୍ଶିତ ମାର୍ଗକୁ ସମଗ୍ର ବିଶ୍ୱରେ ସୁଶାସନର ପ୍ରତିଷ୍ଠା ନିମନ୍ତେ ପ୍ରେରଣା ଦେଉଥିବା କେନ୍ଦ୍ରସ୍ଥଳ ।


ପୂର୍ବତନ ଅଧ୍ୟାପକ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର

ଯୋ: ୮୨୬୦୩୫୬୧୧୩

# ସ୍କୁଲ ଛାତ୍ର ହାତରେ ପିସ୍ତଲ, ବାକି ରହିଲା ଗୁଳି ଫୁଟାଇବା

### ସୁବ୍ରତ କର

ଏହି ସବୁ ଘଟଣା ସାଧାରଣତଃ ପାଶ୍ଚାତ ଦେଶମାନଙ୍କରେ ଦେଖିବାକୁ ମିଳେ କିନ୍ତୁ ଏତେ ଶୀଘ୍ର ଆମ ରାଜ୍ୟକୁ ମାଡ଼ି ଆସିବ କେହି ଧାରଣା କରି ନଥିଲେ । ଘଟଣାଟି ଘଟିଛି ରାଉରକେଲା ସହରର ଥିବା ବିମାନ ବନ୍ଦର ସମ୍ମୁଖରେ । ଗତ ଜାନୁଆରୀ ୧୩ ତାରିଖ ଦିନ ପ୍ରାୟ ସାଢ଼େ ଦଶଟାରେ ସହରର ଏକ ପ୍ରତିଷ୍ଠିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଥିବା ଏକ ନାବାଳକ ଛାତ୍ର ଦ୍ୱାରା ଘଟିଛି। ଏହି ଇଂରାଜୀ ମାଧ୍ୟମ ସ୍କୁଲର କିଛି ଛାତ୍ରଛାତ୍ରୀମାନେ ବିଦାୟକାଳୀନ ମାଧ୍ୟମ ସ୍କୁଲର କିଛି ଛାତ୍ରଛାତ୍ରୀମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ସରିବା ପରେ ଗୋଟାଏ ଦାବି ଗାଡ଼ିରେ ରାଉରକେଲା ସହରରେ ଥିବା ରିଂରୋଡ଼ରେ ବୁଲିଥିଲେ ଏବଂ ଗାଡ଼ିରେ ମ୍ୟୁଜିକ୍ ସିଷ୍ଟମରେ ମାତ୍ରାଧିକ ଶବ୍ଦ କରି ସାରା ସହରରେ ବୁଲିବା ସହିତ ରାସ୍ତାର ଆଇନ କାନୁନକୁ ଭ୍ରୂକ୍ଷେପ ନକରି ଟ୍ରାଫିକ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରି ନିଜ ନିଜ ଭିତରେ ଆନନ୍ଦ ଉପଭୋଗ କରୁଥିଲେ ଏବଂ ବାହାଦୁରୀ ମଧ୍ୟ ନେଉଥିଲେ ପରବର୍ତ୍ତୀ ପର୍ଯ୍ୟାୟରେ ଏମାନେ ବିମାନବନ୍ଦର ଫାଟକର ଠିକ୍ ସାମ୍ନାରେ ଗାଡ଼ି ରଖି ଗୀତ ସହିତ ତାଳ ମେଳାଇ, ସିଗାରେଟ ଟାଣି ନାଚିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ପିଲା ବନ୍ଧୁକ (ପିସ୍ତଲ) ହାତରେ ରଖି ସମସ୍ତ କିଛିକୁ ଜଳାଞ୍ଜଳି ଦେଇ ନାଚିଥିଲେ । ଆଉ କିଛି ଛାତ୍ର ଏହାକୁ ଆନନ୍ଦର ସହିତ ଭିଡ଼ିଓ ଉତ୍ତୋଳନ କରି ଥିବା ଦେଖିବାକୁ ମିଳିଥିଲା । ଏହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି। ଆଉ କିଛି ଅଧ୍ୟାପକ ଓ ଅଧ୍ୟାପିକାଙ୍କ ବିରୋଧରେ ଅଶ୍ଳୀଳ ଫଟୋଗୁଡ଼ିକୁ ଯୋଡ଼ି ଭିଡିଓ ତିଆରି କରି ଥଟ୍ଟା ତାମସା କରିବାର ମଧ୍ୟ ଦେଖିବାକୁ ମିଳିଥିଲା ।

ଏଇଠି ପ୍ରଶ୍ନ ଉଠୁଛି ଏହି ନାବାଳକ ଛାତ୍ରଛାତ୍ରୀମାନେ ଏତେ ସବୁ କରିବାର ସାହସ ପାଇଲେ କେଉଁଠୁ ? ଯଦି ଏହି ଘଟଣାଟି ସତ ହୋଇଥାଏ ଯେଉଁ ପିଲାମାନେ ଏଥିରେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ନିଶ୍ଚିତ ଭାବରେ ସ୍କୁଲ ତରଫରୁ ହଉ ବା ଅଭିଭାବକଙ୍କ ତରଫରୁ ଦୃଷ୍ଟାନ୍ତମୂଳକ ଦଣ୍ଡ ହେବା ଦରକାର । ଯଦି ସରକାର ପଢ଼େ ଏବଂ ପ୍ରମାଣଣ ହୁଏ ଘଟଣାଟି ସତ ତେବେ ଏହି ପିଲାଙ୍କୁ ପରବର୍ତ୍ତୀ ପରୀକ୍ଷାରେ ବସିବାକୁ ଦେବା ଉଚିତ ହେବ ନାହିଁ । ଏହିପରି ଘଟଣା ସବୁ ଆମେ ଜାଣିଛୁ ପାଶ୍ଚାତ ଦେଶରେ ଥିବା ସ୍କୁଲ ବା କଲେଜ ମାନଙ୍କରେ ଘଟେ ଏବଂ ଘଟୁଛି ମଧ୍ୟ । ଏମିତି ବି ହୋଇଛି ପିଲାମାନେ ପିସ୍ତଲ ଦ୍ୱାରା ଗୁଳି ଫୁଟାଇ ୧୦-୧୫ ଜଣ ପିଲାଙ୍କୁ ମାରି ଦେଇଛନ୍ତ ଏବଂ ଶେଷରେ ଜେଲ ମଧ୍ୟ ଯାଇଛନ୍ତି । ଏପରି ଘଟଣା ଆଉ ଆଗକୁ ଯିବା ପୂର୍ବରୁ ପ୍ରଶାସନ ହେଉ ବା ଅଭିଭାବକ ମାନେ ସଜାଗ ହୁଅନ୍ତୁ ଏବଂ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ନ ହେଉ ।

## କଣିକାଏ ଜୀବନ

### ରବି କୁମାର ମହାନ୍ତି






ମୁଁ ଯେବେଠୁ ସମର୍ପିତ ହେଲି
ତୁମ ପାଖେ
ସେଇ ତରଳ ମୁହୂର୍ତ୍ତର ସମ୍ମୋହନରେ
କ୍ରମଶଃ
ଦୁର୍ବଳ ହେଲି ?

ଅବା
ଦୁର୍ବଳତାରେ ତରଳି ଗଲି ବୋଲି
ତୁମଠି ନିଜକୁ ବିସର୍ଜନ ଦେଲି ??

ତୁମେ ବେଶ ସଜାଡି ପାର
କାମନା ମାନଙ୍କୁ
ନିଜ ଇଚ୍ଛାର ସ୍ତବକରେ
ମୋ ସ୍ୱପ୍ନ ମାନଙ୍କ ବ୍ରହ୍ମଚର୍ଯ୍ୟକୁ
ଅପହରଣ କରି
ଖୁବ୍ ସହଜରେ ପହଁରି ପାର
ସ୍ନାୟୁର କ୍ଷୋରିଷ କ୍ଷେତରେ
ଆଲୋକର ଜାକଜମକରେ
ଯେବେ ମୁଁ କୁଢେଇ ଦିଏ
ମୋ ଅନାସକ୍ତ ଦମ୍ଭକୁ
ତୁମ ପାଦ ତଳେ
ସେବେଠୁ ମୁଁ ଶୋଷରୁ
ଆପେ ଭାଗ ହୋଇଯାଏ ?

ନାଁ ମୋ ପୌରୁଷର ରଣ ଭାରରେ
ନିଜ ଶବ ସହ
ପବନରେ ବାଣ୍ଟି ହେଲାପରେ
ଅବଶିଷ୍ଟ
ମାନଚିତ୍ର ମୋ
ତୁମ ଭିତରେ ସମାଧିସ୍ଥ ହୁଏ ?
ଆମେ କେହି ଜାଣିନେ
କଢି ଫୁଲ ବନିବାର ସଠିକ୍ ମୁହୂର୍ତ୍ତ
ବୁଝିନେ କେତେବେଳେ
ଅବଶ ପାଦ ଭୁଲିଯାଏ
ନିର୍ବାଣର ପଥ
କେହି ଭାବିନେ କେମିତି
ଦି ଟୋପା କାକରରେ
ଓଦା ହୋଇଯାଇଥିବା ମାଟିକୁ ପୋଛି
ଦେବାକୁ, ପ୍ରସାରି ଯାଏ ହାତ
ସୁତରାଂ
ମୁକ୍ତ କରିଦେବା ଭଲ ହେବ
ଆପଣା ଦୁଃଖକୁ
ଛୁଇଁ ଯାଉ ସିଏ
ଏଇଠୁ ଏ ନଶ୍ୱର ଧୂଳିରୁ
ଝାପସା ଦିଶୁଥିବା ସେ ଦୂର
ପରବତ ।


+ ମାତୃନୀଡ, କମାରିଆ,ଭଦ୍ରକ
ମୋ: ୭୦୬୪୭୭୮୨୪୭


## ଜୟ ଶ୍ରୀରାମ

### ରାମ ଚନ୍ଦ୍ର ପ୍ରଧାନ



ଭଜ ରାମ ନାମ ଜପ ରାମ ରାମ
ରାମ ହିଁ ମୁକ୍ତିର ଧାମ
ସବୁ ମିଛ ଏଠି ସତ୍ୟ ରାମ ନାମ
ବୋଲ ହେ ଜୟ ଶ୍ରୀରାମ ।

ମୁକତି ମିଳେନା ତୁମ ବିନା ଏଠି
ଆହେ ରାଜୀବ ଲୋଚନ
ବନ୍ଧୁ ବି ମିଳେନା ତୁମ ବିନା ଏଠି
ହେ ରଘୁକୁଳ ନନ୍ଦନ ।

ବିଶ୍ୱାସରେ ତୁମେ ନିଶ୍ୱାସରେ ତୁମେ
ଯୁଗେ ଯୁଗେ ତୁମ ନାମ
ଆବେଗରେ ତୁମେ କ୍ରନ୍ଦନରେ ତୁମେ
ମୋ ସ୍ପନ୍ଦନେ ତୁମ ନାମ ।

ଦଶରଥ ସୁତ ହେ ଜାନକୀ କାନ୍ତ
କୌଶଲ୍ୟାର ଗଣ୍ଠିଧନ
ଆହେ ରଘୁନାଥ ପରଜା ବତ୍ସଳ
ଭକତର ଭଗବାନ ।

ତୁମ ପାଦ ସ୍ପର୍ଶେ ପାଷାଣୀ ଅହଲ୍ୟା
ପାଇଲା ମୁକ୍ତିର ପଥ
ମାରି ଦଶାନନ ସୀତା ଉଦ୍ଧାରିଲ
ଗଡ଼ାଇ ବିଜୟ ରଥ ।

ଦ୍ୱାପରରେ କୃଷ୍ଣ ତ୍ରେତୟାରେ ରାମ
କେଉଁ ଯୁଗେ କେଉଁ ରୂପ
ତୁମେ ନାରାୟଣ ତୁମେ ବୃନ୍ଦାବନ
ତୁମେ ଭରସାର ଦୀପ ।

ହେ ଅଯୋଧ୍ୟା ପତି ମର୍ଯ୍ୟାଦା ପୁରୁଷ
ତୁମେ ହିଁ କୋଦଣ୍ଡଧାରୀ
ଯୁଗେ ଯୁଗେ ରଖ ଭକତର ମାନ
ପାପୀକୁ ବିନାଶ କରି ।


+ ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍,
ଆସିକା, ଗଞ୍ଜାମ
ମୋ:୯୮୬୧୬୩୮୭୩୬


## ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା

### ସୌଦାମିନି ପଣ୍ଡା



ସରଗଠୁ ସୁନ୍ଦର ଦିଶୁଛି
ଭବ୍ୟ ଅଯୋଧ୍ୟା ପୁରି,
ପୁଷ୍ପ ମାଲ୍ୟେ ସଜା ହୋଇଛି
ଏହି ଦିବ୍ୟ ନଗରୀ ।

ଦଶରଥଙ୍କ ପୁତ୍ର ଜନମେ
ଧନ୍ୟ ଅଯୋଧ୍ୟା ଧାମ,
ତାର ମାଟି ପବନ ଭଜୁଛି
ଶ୍ରୀରାମ ରାମ ନାମ ।

ରାମ ମନ୍ଦିରକୁ ଦେଖିଲେ
ମନ ହେଉଛି କିଣି,
ତ୍ରେତୟା ଯୁଗର ଗାଥାକୁ
ସେ ଦେଉଛି ବଖାଣି ।

ମାନବ ଜୀବନର କି ସୌଭାଗ୍ୟ
ଦେଖିବ ତାଙ୍କ ପ୍ରାଣ ପ୍ରତିଷ୍ଠା,
ଯୁଗେ ଯୁଗେ ରହିବ ଏ କଥା
ରଖିଥାଅ ମନେ ନିଷ୍ଠା ।

କମ୍ପି ଉଠିବ ଏଁ ତିନି ପୁର
ରାମ ନାମ ଭଜନେ,
ଅଭିର୍ଭାବ ହେବେ କି ଶ୍ରୀରାମ
ଏଇ ମର୍ତ୍ତ୍ୟ ଭୁବନେ ।


ସମସ୍ତଙ୍କ ନୟନ ଚାହିଁ ରହିଛି
ଦେଖିବ ଶ୍ରୀରାମଙ୍କୁ ବୋଲି,
ଫୁଲ ଅର୍ଘ୍ୟ ଦୀପ ଦିଅ ସଜାଡି
ହେବ ଶୁଭ ଦୀପାବଳି ।

ଶ୍ରୀରାମଙ୍କ ଦିବ୍ୟ ରୁପକୁ
ଥରେ କଲେ ଦର୍ଶନ,
ମଣିଷ ଜୀବନ ହୋଇବ
କେତେ ଯେ ଧନ୍ୟ ।


+ ବରିହାପାଲି (ପଦ୍ମପୁର )
ବରଗଡ

# ଆକାଶ - କାହାପାଇଁ କେତେଦୂର

## ପ୍ରଫୁଲ୍ଲ ବାରିକ



ଓଏଏସ ଟ୍ରେନିଂ ପରେ ପୋଷ୍ଟିଂ ଅର୍ଡର ପାଇ ସୁଶାନ୍ତ ବୋଉକୁ ଦେଖେଇ କହିଲା -ବୋଉ, ଜଏନ କରିବାକୁ ଅର୍ଡର ପାଇଗଲି । ସାପ୍ତାହକ ଭିତରେ ତହସିଲଦାର ପୋଷ୍ଟରେ ଜଏନ କରିବି। ବୋଉ ଗାଈକୁ ତୋରାଣୀ ଦଉଥିଲେ । କୁଣ୍ଡା ଘାଣ୍ଟୁଘାଣ୍ଟୁ ବାଲତିରୁ ମୁହଁ ଉଠେଇ ଅନେଇଲେ ସୁଶାନ୍ତକୁ । ସୁଶାନ୍ତ ମୁହଁ ଝଟକୁଥିଲା ଖୁସିରେ । ବୋଉ କହିଲେ, ସବୁ ସେଇ ଈଶ୍ୱରଙ୍କ ଇଛା ।

--- ଶୁଣି କିମିତି ଲାଗୁଚି ବୋଉ ?

ସୁଶାନ୍ତ ପଚାରିଲା ଗଦ ଗଦ ହେଇ।

--- ମୋତେ ଲାଗିବା ନଲାଗିବା କଥା ଛାଡ଼ । ତୋ ଖୁସି ଦେଖି ମୋ ଛାତି ଫୁଲି ଉଠୁଚି । ତୋ ଖୁସିରେ ଖୁସି ଆମେ।

--- କିମିତି ଖୁସି ହେବି କହିଲୁ ?

ବୋଉ ଚମକି ପଡି ସନ୍ଦେହଭରା ଆଖିରେ ପଚାରିଲେ, ପୁଣି କ'ଣ ହେଲା ?

ସୁଶାନ୍ତ କହିଲା, ଦେ'ଖେ ବୋଉ, ବାପାଙ୍କ ଟ୍ରଲିଟଣା, ବିଶେଷକରି ଏବେ, ତୋତେ ଭଲ ଲାଗୁଚି ? ଓଏଏସ ପାଇବା ପରେ ମୁଁ ବାରଣ କରିଥିଲି ବାପାଙ୍କୁ । ମାନିଲେତ ?

ଦଣ୍ଡେ ଚିନ୍ତାକରି ବୋଉ କହିଲେ, କଥା ଠିକ କହୁଚୁଯେ ସେ ଯୋଉ ଜିଦିଆ, କଣ କରିବେ କିଜାଣି ? କହିତ ମୁଁ ଦୋଷୀ ହେଇଚି । ଆଉଥରେ କହେ... ।

ଚାକିରୀ ଜଏନ ମାସକ ପରେ ସୁଶାନ୍ତ ଆସିଲା ଘରକୁ । ଆସି ଦେଖିଲା ସବୁ ସେମିତି ଅପରିବର୍ତ୍ତିତ । ନିଇତି ସକାଳୁ ରୁଟି କେଇପଟ ନାଲି ଚାଆରେ ଚୋବେଇ ବାପା ଯାଉଛନ୍ତି ଟ୍ରଲି ଧରି । ଆସୁଛନ୍ତି ରାତି ଘଡିଏକୁ । ସୁଶାନ୍ତ ଚିନ୍ତା କଲା ବୋଉକଥା ବାପା ରଖିଲେନି । ତାଙ୍କ ଜିଦରେ ଅଟଳ ସିଏ ।

ସନ୍ଧ୍ୟାରେ ଗୋଡ଼ହାତ ଧୋଇ, ଚା ପିଇ ବସିଥାଆନ୍ତି । ସୁଶାନ୍ତ ଆସି ବସିଲା ବାପାଙ୍କ ପାଖରେ । ସୁଶାନ୍ତକୁ ପାଖରେ ପାଇ ବାପା ଖୁସି ହେବାସହ ପଚାରିଲେ, କିଛି କହିବୁ ?

ସୁଶାନ୍ତ ଧୀର ଗଳାରେ କହିଲା, ବାପା, ସମ୍ମାନ ଏତିକି କମେଇବାକୁ କେତେଯେ ଶ୍ରମ ଦେବାକୁ ପଡିଛି ମୋତେ ତମେତ ଦେଖିଚ। ଏବେ ସେଇ ସମ୍ମାନ.....

--- କଣ କହୁଚୁ ସିଧା କହ । ମୁଁ ବୁଝି ପାରୁନି ।

--- ତମେ ସେ ଟ୍ରଲିଟଣା ଛାଡିଦିଅ । ରୋଜଗାର ଆମର ଆବଶ୍ୟକ ନାଇଁ। ମୋ ଦରମା ଯଥେଷ୍ଟ ଆମ ତିନିଜଣଙ୍କ ପାଇଁ । ଲୋକେ କହିବେ କ'ଣ ? କାଲି ମିଡ଼ିଆ ଫଟୋନେଇ ଏକୁ ପ୍ରସଙ୍ଗ କରିବ । ଲୋକେ ଜାଣି ଆହା ଚୁ ଚୁ କରିବେ । ବାପା, ମୋର ସମ୍ମାନ ମାନେ ସମ୍ମାନ ଆମ ପରିବାରର । ଆମ ଖାନଦାନିର । ତାକୁ ଅପଚୟ ହେବାକୁ ମୁଁ ଦେବିନି। ତମେ ଥରେ ମୋ ଜାଗାକୁ ଆସି ଭାବ। ମୁଁ' ତ ଚିନ୍ତା କରି ସାରିଛି ତମ ଜାଗାରେ ରହି। ଟ୍ରଲି ତମର ଜୀବନ ସାଥି । ଜୀବନ ଆରମ୍ଭରୁ ତମେ ଧରିଛ ତାକୁ । ସେଇ ରୋଜଗାରରେ ବଞ୍ଚି ଆସିଛନ୍ତି ଆମେ ସମସ୍ତେ । ଆଜି ସୁଦିନରେ ସାଥି ତ୍ୟାଗ ବାଧୁଛି ନିଶ୍ଚିତ । ଏକଥା ତମେ କହିଛ ବୋଉକୁ । ମୁଁ ବୁଝୁଚି, ଅନୁଭବୁଚି । ଅବୁଝା ନୁହେଁ। ତମେ ଥରେ ଚେଷ୍ଟାକର ବୁଝିବାକୁ ଦୁନିଆଁକୁ । ଦୃଶ୍ୟ ଭଲ ଦିଶିବ ?

ବାପା ତରଳୁଥିଲେ ମହମ ଟେଳେପରି । ଚାହାଣିରେ ନିରୀହତା ଫୁଟେଇ କହିଲେ, ଟ୍ରଲି ଛାଡି କରିବି କ'ଣ ମୁଁ? ଚାଷ ବାସତ ନାଇଁ । ପାଗଳ ହେଇ ଯିବିନି ବସିବସି ?

---- ତମେ ଆଦୌ ଚିନ୍ତା କରନି । କାମ ମୁଁ ଦେବି ।

--- କ'ଣ ତୋ ଅଫିସିରେ ?

ବାପାଙ୍କର ମୃଦୁ ଆକ୍ଷେପ ।

---- ରୁହ, ଦେଖ... ।

ବାପା ଉଠନ୍ତି ଡେରିରେ । ପରଦିନ ଆଠଟା ସୁଦ୍ଧା ନୂଆ ବୋଲେରୋ ଆସି ଠିଆହେଲା ଦୁଆରେ । ସୋ'ରୁମର ଡ୍ରାଇଭର ଥୋଇ ଚାବି ହସ୍ତାନ୍ତର କରିଗଲା । ବାପା ଉଠି ବୋଲେରୋ ଦେଖି ପଚାରିଲେ ବୋଉକୁ, କେହି ଆସିଛନ୍ତିକି ? କାଇଁ, ଘରେତ କାହାକୁ ଦେଖୁନାଇଁ ?

ସୁଶାନ୍ତ ହସିହସି କହିଲା, କେହି ଆସି ନାହାନ୍ତି । ଗାଡ଼ି ତମର । ତମ ପାଇଁ ଆସିଛି। ଆଜିଠୁ ବାରିପାଖ ଚାଳିରେ ଟ୍ରଲିକୁ ରଖି ବୋଲେରୋ ଧରିବ । ଚାହିଁବ ତ ରୋଜଗାର କରିବ, ନାଇଁତ ଦୁହେଁ ଖାଲି ବସି ବୁଲିବ ଗାଡିରେ । ଖର୍ଚ୍ଚ ମୁଁ ସମାଳିବି ।

--- ମୁଁ'ତ ଚଳେଇ ଜାଣିନି ।

ବାପା କହିଲେ ।

---- ଜାଣିବା ଦରକାର ନାଇଁ । ମୁଁ ଡ୍ରାଇଭର ରଖିଦେବି । ଗାଡ଼ି ଭଡାରେ ଚାଲିବ। ତମେ ବୁଝାବୁଝି କରିବ । ଚାହିଁଲେ ଯୁଆଡେ ମନ ସିଆଡେ ଯିବ । ଆପଣାର ଗାଡ଼ି ।

----- ଶେଷରେ ତୁ ଛଡେଇ ନେଲୁ ସାଥିକୁ ମୋର ମୋ ପାଖରୁ । ହଉ, ତୋ ଖୁସିରେ ଖୁସି ମୁଁ । ଭାବୁଛି, ବଡ଼ ଲୋକଙ୍କର ମଥା ଉପରୁ ଆକାଶ ସତେ କେତେ ନିକଟ ! ମାଟିମଣିଷଙ୍କଠୁ କିନ୍ତୁ ବହୁ ଦୂର । ଆଖି ପାଏନା । ମନେ ଅଛି, ଅଷ୍ଟମରେ ପଢୁଥିବା ବେଳେ ସାଇକେଲ ମାଗିଥିଲୁ ଟ୍ୟୁସନ ଯା'ଆସ ପାଇଁ । ଦେଇ ପାରିନଥିଲି । ତା'ରି ବଦଲା ନେଲୁ ତୁ ।


ସୁଶାନ୍ତ କୁଣ୍ଢେଇ ପକେଇଲା ବାପାଙ୍କୁ । ଲୁହଭରା ଆଖିରେ କହିଲା, ବାପା, ଆଜି ଯାହା ମୁଁ ହେଇଚି, ସବୁ ତମପାଇଁ । ତମ ବିନା ନୁହେଁ । ସେମିତି ଭାବି ତମେ ମୋ'ଠୁ ଦୁରେଇ ଯାଅନା । ଆଇ ଲଭ ଇଉ ବାପା ।

ବୋଉ ଦୁଆରେ ଠିଆ ହେଇ ଲୁହ ପୋଛୁଥିଲେ ଆଖିରୁ ।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫


# ଗୁରୁ ଜ୍ଞାନ

## ଘନଶ୍ୟାମ ପଲେଇ



ପୁଅ ଫୋନ କରିଥିଲା ଚାକିରି କ୍ଷେତ୍ରରୁ। ପାଇଛି ପ୍ରଥମ ଦରମା। କହିଲା- ବାପା ! ଆଜି ଏକାଉଣ୍ଟକୁ ମୋର ଆସିଲା ପ୍ରଥମ ଦରମା। ଆଗ ତମ ପାଇଁ ଖର୍ଚ୍ଚ କରିବି, ତାପରେ ଯାଇ ଯୋଉ କଥା। ତମେ ହିଁ ମୋର ପ୍ରଥମ ଦରମା'ର ହକଦାର।

ଭାରି ଖୁସି ଲାଗିଥିଲା ପୁଅର କଥା ପଦିକ ଶୁଣି। ତା' ପରି ଅମଣିଷଟାର ପୁଅଟେ ଆଜି ହେଇପାରିଛି ମଣିଷ। ଖୁସିରେ ଆତ୍ମହରା ହେଇ ଉଠୁଥିଲେ ବିପିନବାବୁ। ତାଙ୍କର ଏହି ଦରମା ପାଳିରୁ ହିଁ ଦିନେ ହେଇଥିଲା ନବକଳେବର। ହେଇଥିଲେ ଅମଣିଷରୁ ମଣିଷ। ସେଦିନର କଥା ଗୁଡାକ ନାଚି ଉଠୁଥିଲା ଚଳଚ୍ଚିତ୍ରର ଦୃଶ୍ୟ ପରି।

ଗୋଟିଏ ରାଷ୍ଟ୍ରାୟତ୍ତ କମ୍ପାନୀରେ ଖଣି ଶ୍ରମିକ ଭାବରେ କରୁଥିଲେ ସିଏ ଚାକିରି। ସାଧାରଣ ଚାକିରିଆଟାଏ ପରି ସିଏ ବି ଅନେଇ ରହୁଥିଲେ ମାସ ଶେଷକୁ। କେବେ ଆସିବ ଦରମା ପାଳି। ପାଇବେ ଦରମା। ଧାର ଉଧାର ଶୁଝି ବଳକା ପଇସାରେ ଦେଖିବେ ଗୋଟାଏ ନୂଆ ମାସର ସ୍ୱପ୍ନ।

ସେତେବେଳେ ତ ବ୍ୟାଙ୍କ ଏକାଉଣ୍ଟକୁ ଯାଉ ନଥିଲା ଦରମା ଟଙ୍କା। ମିଳୁଥିଲା ହାତାହାତି ନଗଦ। ମାସର ପହିଲା ଦିନ ଥିଲା ଦରମା ପାଳି। ସାରା ଦିନ ଚାଲେ ଦରମା ବଣ୍ଟା। ଜଣ ଜଣଙ୍କ ନାଁ ଡାକି ଦିଆଯାଉଥିଲା ଦରମା। ପନ୍ଦର ଶହ ଲୋକଙ୍କୁ ଦେଲା ବେଳକୁ ହେଇଯାଏ ସଂଜ୍ଞା। ତେଣୁ ଦିନମାନ ଲାଗି ରହୁଥିଲା ଭିଡ।

ଏକ ପ୍ରକାର ମେଳା କହିଲେ ଚଳେ। ଟାଇମ ଅଫିସ ପାଖ ଗେଟ୍ ବାହାରକୁ ବସୁଥିଲେ ଦୋକାନୀ ସବୁ। କିଏ ବିକୁଥିଲା ଚଣା ତ କିଏ ବିକୁଥିଲା କିଛି ଛଣାଛଣି ଜିନିଷ।

ଦରମା ପଇସାକୁ ସଭିଁଙ୍କ ନଜର। ଚାକିରିଆଟାଏ ତ ଇମିତିରେ ବି ଅନେଇ ଥାଏ ଚାତକ ପରି । ତା'ସହ ପରିବା ବାଲାଠୁ ନେଇ ଗ୍ରୋସରୀ ବାଲା ଯାଏଁ ଚାହିଁ ରହିଥାନ୍ତି ବିଲୁଆ ଶାଗୁଣା ପରି। ଦରମା ହାତରେ ପଡିଲେ କାଟିବେ ଚକର। ବାକି ଟଙ୍କା ନ ଶୁଝିବା ଯାଏଁ ଛାଡିବେନି ପିଛା।

ରାସ୍ତା ତ ଗୋଟାଏ। ଦରମା ପାଇ ଚାକିରିଆ ସବୁ ସେଇ ବାଟେ ହିଁ ଯାଆନ୍ତି। ତେଣୁ ରାସ୍ତାର ଦୁଇ ଧାରେ ବସି ଯାଉଥିଲେ ବାକି ଆଦାୟକାରି ଦଳ। ଯାହାର ଯାହା ବାକିଥାଏ ସେମାନେ ତାଙ୍କ ପଇସା ଅସୁଲ କରୁଥିଲେ ବାଟ ଓଗାଳି।

ସେଦିନ ବି ଥାଏ ଦରମା ପାଳି। ଉତ୍ସବର ମାହୋଲ। ସଭିଏଁ ଥାନ୍ତି ଖୁସି। ବିପିନବାବୁ ବି ଆସିଥାନ୍ତି ନବାକୁ ଦରମା। ଆଗରୁ ଟିକିଏ ଚଢେଇ ଦେଇଥିଲେ କି କ'ଣ ? ପାଳି ଆସିଲାରୁ ଟଳମଳ ହେଇ ପହଁଞ୍ଚିଲେ କାଉଣ୍ଟର ପାଖେ। ଟଙ୍କା ବିଡାକୁ ଧରିଲେ ଜୋରରେ ମୁଠେଇ। ଚାଲିଲେ ବାଟେ ବାଟେ। ଆଜି ସବୁ ଦେବେ ସୁଝି। ହେଉପଛେ ମାସକ ପାଇଁ, ହେବେ ଋଣ ମୁକ୍ତ। ଗେଟ୍ ବାହାରେ ଦେଖିଲେ ଗ୍ରୋସରୀ, ପରିବା ବାଲାଏ ମାଗୁଛନ୍ତି। ଗଣି ଗଣି ଧରେଇ ଦେଲେ ତାଙ୍କ ବକେୟା ଟଙ୍କା। ଧିରେ ଧିରେ ହାତ ମୁଠା କମିବା ସହ ହେଉଥିଲେ ଋଣ ଆଉ ଚାପ ମୁକ୍ତ।

ହେଲାଣି ମାଛି ଅନ୍ଧାର। ସଞ୍ଜଟାରେ ଆଉ ଦିଶୁନଥାଏ ମୁହଁକୁ ମୁହଁ। ନିଶାରେ ଗୋଡ ବି ଟିକିଏ ବେଶି ହେଲାଣି ଟଳମଳ। ଘରକୁ ଯିବାକୁ ହେବ ସଅଳ।

ଏ କ'ଣ ? ଇଏ ପୁଣି କିଏ ବସିଲା ବାଟ ଓଗାଳି।

ବିପିନବାବୁ କହିଲେ

- ଭାଇ ! ତୋର ପୁଣି କି ପଇସା ? କେତେ ରହିଲା କହ ? ସୁଝି ହେବି ଋଣ ମୁକ୍ତ। ରାସ୍ତା ଛାଡ। ଡେରି ହେଲାଣି।

- କିଛି ନ କହି ଖାଲି ହଲେଇଲା ମୁଣ୍ଡ।

- ଆରେ ବାବୁ ! କହିବୁ ନାଇଁ ତ ଜାଣିବି କିପରି ? ହଉ ନେଇଯା ନିଜେ ଗଣି। କହି ବଢେଇ ଦେଲେ ହାତରେ ଧରିଥିବା ନୋଟ ବିଡାଟିକୁ।

ସିଏ ବା କାହୁଁ ଶୁଣିବାକୁ ଯିବ। ଚୋବେଇ ପକେଇଲା ଘାସ ଚୋବେଇଲା ପରି।

- ଆରେ ଭାଇ ! ଏ କ'ଣ କରୁଛୁ ? ତୋର ଯେତିକି ଦରକାର ଗଣି କି ନେ। ବାକି ଟଙ୍କା ତକ ମୋର ଫେରା। ଏତକ କହି କୁଣ୍ଢେଇ ପକେଇଲେ ଷଣ୍ଢଟିକୁ। ଷଣ୍ଢଟି ମୁଣ୍ଡ ହଲେଇ ଛାଟିଦେଲା ଖଣ୍ଡେ ବାଟକୁ। ବିପିନବାବୁ ପଡିଲେ ଯାଇ ନାଳରେ। ମା' ଲୋ ବୋପାଲୋ ହେଲେ। ନିଶାଟା ପୁରାପୁରି ଗଲା ଫାଟି।

ସେଦିନ ଠାରୁ ନନ୍ଦି ଦେବଙ୍କ ଆଶୀର୍ବାଦ ହେଲା କି କ'ଣ ? ସୁଧୁରି ଗଲା ଜୀବନ। ପାଲଟି ଗଲେ ଗୋଟାପଣେ ଅମଣିଷରୁ ମଣିଷ। ଆଉ ନିଜେ ମଣିଷ ହେବା ସହ ପିଲାଟାକୁ ବି କରି ପାରିଲେ ମଣିଷ।


+ଟେନସା, ସୁନ୍ଦରଗଡ-୭୭୦୦୪୨
ମୋ-୯୪୩୭୭୧୮୫୦୦


# 'ଏମିତି ବି ହୁଏ'

## ଶ୍ରୀ ସତ୍ୟବ୍ରତ ସାହୁ




ସେଦିନ ଡ୍ୟୁଟି ବାହାରିବା ବେଳକୁ ଜାଣିଥିଲି ଗାଡ଼ିରେ ପେଟ୍ରୋଲ କମ୍ ଅଛି। ରିଜର୍ଭ ପଡ଼ିଛି । କୌଣସି ଅସୁବିଧାରୁ ତେଲ ପକାଇ ପାରିନି । ଭାବିଥିଲି ଝୁମ୍ପୁରୀ ପେଟ୍ରୋଲ ପମ୍ପରେ ତେଲ ପକାଇ ଦେବି। ଘରେ ଗାଡ଼ିର ଆବଶ୍ୟକ ଥିବାରୁ ସାଙ୍ଗରେ ଚିତ୍ତକୁ ଡାକି ଆଣିଥିଲି । ମୋତେ ଯାଜପୁର ଟାଉନରେ ଛାଡ଼ି ସେ ଘରକୁ ଫେରିବ । ମୁଁ ମୋ' ସହକର୍ମୀ ଚନ୍ଦନ ଗାଡ଼ିରେ ପଳାଇବି । ଏହିପରି କାର୍ଯ୍ୟକ୍ରମ ସ୍ଥିର କରି ଘରୁ ଚିତ୍ତ ସହିତ ବାହାରିଲି । ଛଅଟା ଭିତରେ ଟାଉନରେ ପହଞ୍ଚିବାକୁ ପଡ଼ିବ । ଝୁମ୍ପୁରୀ ପେଟ୍ରୋଲ ପମ୍ପ ପାଖରେ ପହଞ୍ଚି ଦେଖିଲୁ ପେଟ୍ରୋଲ ପମ୍ପ ଖୋଲିନାହିଁ । ତାସହିତ ତେଲ ପକାଇବା ପାଇଁ ଲମ୍ବା ଲାଇନ୍ ଲାଗିଛି । ଦଶ-ପନ୍ଦର ମିନିଟ ଅପେକ୍ଷା କରିବାକୁ ପଡ଼ିବ । ଚିତ୍ତ କହିଲା, ଚାଲ ଟାଉନ ପଳାଇବା । ତେଲ ପାଇଯାଇପାରେ । ମୁଁ ରାଜି ହେଲି । ଗାଡ଼ି ଗଡାଇଲୁ ଆଗକୁ। କିନ୍ତୁ ଦୁର୍ଭାଗ୍ୟ...। ରାମବାଗ ପାଖରେ ତେଲ ସରିଗଲା । ଟାଉନ ଆହୁରି ଛଅ କିଲୋମିଟର । କିଛି ଉପାୟ ନାହିଁ । ବର୍ତ୍ତମାନ ମୋ' ପାଖରେ ଗୋଟିଏ ରାସ୍ତା.. କାହାକୁ ଲିଫ୍ଟ ମାଗି ଟାଉନ ଯିବାକୁ ପଡ଼ିବ । ଚିତ୍ତ କହିଲା, ଭାଇ ତମେ ଲିଫ୍ଟ ମାଗି ପଳାଅ । ମୁଁ କିଛି ବ୍ୟବସ୍ଥା କରି ଘରକୁ ଫେରିବି । ତାହା ହିଁ ହେଲା । ମୁଁ କେତେ ଜଣଙ୍କୁ ଲିଫ୍ଟ ମାଗିଲି। କେହି କେହି ମୁଣ୍ଡ ହଲେଇଲେ ତ କେହି କେହି ନଦେଖିଲା ପରି ଚାଲିଗଲେ । କିଛି ସମୟ ପରେ ଜଣେ ସ୍କୁଟି ଚଲାଇ ଆସୁଥିବା ଭାଇଙ୍କୁ ହାତ ମାରିଲି । ସୁଟ୍,ବୁଟ ପିନ୍ଧା ଭାଇ ଜଣକ ଜଣେ ଆଭିଜାତ୍ୟ ସମ୍ପନ୍ନ ଲୋକ ଭଳି ଲାଗୁଥଲେ । ସେ ରହିଲେ । ମୁଁ ଅସୁବିଧା କହି ଟାଉନ ପର୍ଯ୍ୟନ୍ତ ଲିଫ୍ଟ ଦେବାପାଇଁ କହିଲି । ସେ ଦୁଇଟି ଆଙ୍ଗୁଳି(ଇଂରାଜୀ ଅକ୍ଷର ଭି ଆକାର) ଦେଖାଇଲେ । ଏହାର ଅର୍ଥ ମୁଁ କିଛି ବୁଝିପାରିଲି ନାହିଁ । ଏହାର ଅର୍ଥ କ'ଣ ପଚାରିବାରୁ ସେ ହେଲମେଟ କାଚ ଟେକି କହିଲେ, ମୁଁ ନେବି ଯେ.. କିନ୍ତୁ କୋଡ଼ିଏ ଟଙ୍କା ନେବି । ମୁଁ ଆଶ୍ଚର୍ଯ୍ୟ ହେଲି । ଛଅ କିଲୋମିଟର ଲିଫ୍ଟ ପାଇଁ କୋଡ଼ିଏ ଟଙ୍କା ! ଆଉ ଉପାୟ ବି କିଛି ନଥିଲା । ସ୍କୁଟିରେ ବସିଲି । ଟାଉନରେ ପହଞ୍ଚି କୋଡ଼ିଏ ଟଙ୍କା ଦେଲି । ଚନ୍ଦନକୁ ସବୁ କଥା କହିଲି। ସେ ହସି ହସି କହିଲା, ଏମିତି ଲୋକ ବି ଅଛନ୍ତି ଦୁନିଆରେ ! ଭାବୁଥିଲି ମୁଁ ଜୀବନରେ କେତେ ଲୋକଙ୍କୁ ଲିଫ୍ଟ ଦେଇଛି ତାର ହିସାବ ନାହିଁ। କାହାଠାରୁ ଚାହାଟିଏ ବି ପିଇନି । କେହି କେହି ବାଧ କରନ୍ତି ଥଣ୍ଡା କିମ୍ବା ପାନଟିଏ ଦେବା ପାଇଁ। ମୁଁ ପାନ ଖାଏନି । ତେଣୁ ସମସ୍ତଙ୍କ ଅନୁରୋଧକୁ ମୁଁ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରେ । ଅଥଚ ମୋ' ବେଳକୁ ଛଅ କିଲୋମିଟର ପାଇଁ କୋଡ଼ିଏ ଟଙ୍କା । ଯେତେବେଳେ ମନେପଡିଯାଏ ଏ କଥା ନିଜେ ମନେ ମନେ ହସିଦିଏ ଆଉ କହିଦିଏ ବେଳେବେଳେ 'ଏମିତି ବି ହୁଏ' ।


+ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର- ୭୫୫୦୩୬
ମୋ- ୮୯୧୭୨୭୩୫୪୫


# ବିବର୍ଣ୍ଣ ବର୍ଣ୍ଣାଳୀ ଆରପାରେ

## ସୁନନ୍ଦା ମହାନ୍ତି



ଆଜି ବି ବଉଳା ବଞ୍ଚିଛି। ମନଦୁଃଖ କରୁଛି। ସେତେବେଳେ ମାଆ, ବଉଳା ଗାଇ ତା ବାଛୁରୀ ସ୍ନେହରେ ଅନ୍ଧ ହୋଇ, ମାଆର ମମତା ପାଇଁ, ବାଘକୁ କଥା ଦେଇ, ବଉଳା ଗାଇ,ବାଛୁରୀକୁ କ୍ଷୀର ଖୁଆଇବାକୁ ଆସିପାରୁଥିଲା । କଥା ରଖି ବଉଳା ଗାଇ ବାଛୁରୀକୁ କ୍ଷୀର ଦେଇ ସାରିବା ପରେ ବାଘର ଆହାର ହେବାକୁ ଫେରିଆସିଥିଲା ଜଙ୍ଗଲକୁ। କଥା ଦେଇ କଥା ରଖିଥିବାରୁ, ବାଘ ଭଳି ବଣର ହିଂସ୍ର ଜନ୍ତୁ ମଧ ଗାଇକୁ ଛାଡ଼ି ଦେଇଥିଲା ତା ବାଛୁରୀ ପାଖକୁ ସବୁଦିନ ପାଇଁ ହେଲେ ଆଜି ମଣିଷ ବି ବାଘଠାରୁ ଅଧିକ ହିଂସ୍ର ହେଇଯାଉଛି।

ହରିଆ ଗାଈଟାକୁ ବିକ୍ରୀ କରିବା ପରେ ବାଛୁରୀଟିକୁ ସମ୍ଭାଳି ହେଉନି। କିଛି ଖାଉନି। ଦୁବ ଘାସ ଯେତେ କଅଁଳିଆ ହେଲେ ବି ପାଟିରେ ଦଉନି, ପାଗୁଳି କରିବା ଦୂରେ ଥାଉ। ଆଜି ସ୍ୱାଧୀନତା ଦିବସରେ ହରିଆ ମନରେ ଅନେକ ଆନ୍ଦୋଳନ। ପୁଅ ତାର ବାଛୁରୀ ଅବସ୍ଥା ଦେଖି କହୁଛି ତା ମାଆକୁ ଫେରେଇ ଆଣ ବାପା। ମୋର ନୂଆ ପ୍ୟାଣ୍ଟ ସାର୍ଟ ଦରକାର ନାହିଁ। ଝିଅ ମଧ କହୁଛି ଆସୁଥିବା ଦୁର୍ଗାପୂଜାକୁ ମୋର ନୂଆଡ୍ରେସ ଦରକାର ନାହିଁ ବାପା ତୁମେ ଆମ ଗାଇକୁ ଫେରେଇ ଆଣ। ଜେଜେ ଜେଜେମା ଆଗ ପଛ ହୋଇ ଚାଲିଯିବା ପରେ ତମେ କେତେ କାନ୍ଦିଲ, ହେଲେ ସେମାନଙ୍କୁ ପାଇଲ କି ? ସ୍ତ୍ରୀ ମଧ ବୁଝାଇ କହୁଥିଲା । ତୁମେ କୋଡ଼ି କଟାଡି ହେଲେ ବି ବାବା ଓ ମାଆ ଆଉ ସେପୁରୁ ଫେରିଆସିଲେ ନାହିଁ କିନ୍ତୁ ବାଛୁରୀର ବଉଳା ମାଆ ବଞ୍ଚିଛି। ତାକୁ ଫେରେଇ ଆଣିବାରେ ଅସୁବିଧା ନାହିଁ। ସେ ତ ଆଉ ତାରା ହୋଇ ଯାଇନି ଆକାଶରେ।

ହରିଆ ତା ସ୍ତ୍ରୀ କଥା ଓ ପିଲାଙ୍କ କଥା ଶୁଣି ପୁଣି ସେଇ ବଉଳା ଗାଇ ଓ ବାଛୁରୀ ଗପ କଥା ଭାବିହେଲା। ସେତେବେଳେ ଯେଉଁ ଲେଖକ ଏ ଗଳ୍ପ ଲେଖିଥିଲେ ସେ ସେତେବେଳର ସାମାଜିକ, ଆଧାତ୍ମିକ, ମଣିଷପଣିଆ ମୂଲ୍ୟବୋଧକୁ ଭଲ କି ବୁଝିଥିଲେ ନିଶ୍ଚୟ। ପୁଣି ଭାବୁଥିଲା ସେ ବେଶି ପାଠ ନପଢିଲେ କଣ ହେଲା ବାଘ ପରି ଜନ୍ତୁ ବଉଳା ଗାଇକୁ ତା ଛୁଆ ବାଛୁରୀକୁ ମାଆ ସ୍ନେହରୁ ବଞ୍ଚିତ ନକରି ଯୋଉଠି ନିଜ ଖାଦ୍ୟକୁ ଛାଡିଦେଉଛି ସେ ମଣିଷ ହୋଇ କେତେଟା ଅଧିକା ଟଙ୍କା ପାଇଁ ଗାଇ ସଙ୍ଗେ ବାଛୁରୀକୁ ଦେଇଦେଲା ନାହିଁ କାହିଁକି ? ହରିଆ ନିଶ୍ଚୟ ଆଜି ଯିବ ସେହି ଲୋକ, ମଧୁ ପାଖକୁ ତାକୁ କହିବ ଭାଇ ତୋ ଟଙ୍କା ନେଇ ମୋ ଗାଇ ଫେରେଇଦେ ବାଛୁରୀଟା ନଖାଇ ନପିଇ ପଡିଛି, ନଚେତ ମୋ ସଙ୍ଗରେ ଆସି ବିନା ମୂଲ୍ୟରେ ବାଛୁରୀକୁ ନେଇଆ ଭାଇ ତୋ ଗୋଡ଼ ତଳେ ପଡୁଛି କହି ବାହାରିଲା ହରିଆ । ବହୁତ ବାଟ । ବସ ଯାଉନି, ମଧୁ ଗାଁକୁ ତ ଟ୍ରେନରେ ହେଉ ପଛେ ଯିବ ସେ । ଚାଲିକି ଯାଇ ପାରିବନି ହରିଆ । ଦେହ ମୁଣ୍ଡ ଦରଜ, ନହେଲେ ନେଇଯାଇଥାଆନ୍ତା ବାଛୁରୀଟାକୁ ସଙ୍ଗରେ ଚଲାରାସ୍ତାରେ । ପ୍ଲାଟଫର୍ମ ବେଞ୍ଚରେ ବସି ଭାବୁ ଭାବୁ ଗାଡି ଆସି ଲାଗିଲା ଶେଷ ପ୍ଲାଟଫର୍ମରେ । ଚଢିଯାଇ ଗୋଟେ ଖୋଲା ଝରକା ପାଖ ସିଟ ପାଇଗଲା ହରିଆ । ଦାମକାଏ ଲେଖାଏଁ ପବନରେ ବାଛୁରୀ କଥା ଆଉ ତା ଗାଇ କଥା ଭାବୁଥିଲା ବହେ ଲେଖା ଆଉ ଛାଡୁଥିଲା ଦୀର୍ଘନିଶ୍ୱାସ ।

ମଧୁ ଘରେ ପହଞ୍ଚି ଯାଇ ସବୁ କହିଥିଲା ହରିଆ ତା ଗାଇ କିଣିନେଇଥିବା ନୂଆ ମାଲିକକୁ, ହସିଲା ମଧୁ । କହିଲା ଦେଖ ହରିଆ ଭାଇ । ହରିଆ ବୁଲି ପଡି ଚାହିଁଲା ଗୁହାଳକୁ । ତା ବିକ୍ରୀ ଗାଇ ଚାଟୁଛି ତା ବାଛୁରୀକୁ । ପାଖକୁ ଯାଇ ଚିହ୍ନିଲା ହରିଆ ଏତ ତାରି ବାଛୁରୀ ହେଲେ ସେ ପହଞ୍ଚିବା ପୂର୍ବରୁ ସେ ଏଠାରେ କେମିତି ପହଞ୍ଚିଗଲା । ଘରେ ପହଞ୍ଚିବା ପରେ ପୁଅ କହୁଥିଲା, ବାପା ମୁଁ ବାଛୁରୀ ପଘା ଖୋଲିଦେଇଥିଲି, ତାକୁ ସାଙ୍ଗରେ ନେଇ ତା ମାଆ ପାଖେ ଛାଡିଦେଲ ତ ? ବିସ୍ଫାରିତ ଆଖିରେ ପୁଅକୁ ଚାହିଁ ହରିଆ କି ଉତ୍ତର ଦେବ ଭାବୁ ଭାବୁ ପୁଅ ଓ ଝିଅ ସ୍ୱାଧୀନତା ଦିବସ ପାଳନ ପାଇଁ ସ୍କୁଲ ଚାଲିଗଲେ । ସ୍ତ୍ରୀ ମାଣିକ ପଚାରୁଥିଲେ ବାଛୁରୀକୁ ଦେଇ କିଛି ପଇସା ଆଣିନତ ମଧୁଭାଇଙ୍କଠୁ । ହରିଆ ମାଣିକ ମୁହଁକୁ କଲବଲ ହୋଇ ଅନେଇଥିଲା ବେଳେ ଦୂରରୁ ଶୁଭୁଥିଲା ବନ୍ଦେ ମାତରଂ, ଜୟ ଜବାନ ଜୟ କିଶାନ, ଜୟ ଭାରତ ମାତା କି ଜୟ ଇତ୍ୟାଦି ସ୍ୱାଧୀନତା ସ୍ଲୋଗାନ ।


+ସାକ୍ଷୀଗୋପାଳ, ପୁରୀ, ମୋ: ୯୦୪୦୯୭୭୩୨୭

# ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ 'ମା ପଶ୍ଚିମା ଠାକୁରାଣୀ' ପୀଠରେ ମକର ମେଳା ଉପଲକ୍ଷେ ଅନ୍ନଛତ୍ର ବଣ୍ଟନ



ନୀଳଗିରି, ୨୧/୧ (ନି.ପ୍ର): ହିନ୍ଦୁ ପରମ୍ପରାରେ ସମଗ୍ର ଭାରତବର୍ଷରେ ମାଘମାସ ମକର ସଂକ୍ରାନ୍ତି ଉପଲକ୍ଷେ ଭିନ୍ନ ଭିନ୍ନ ନାମରେ ଉକ୍ତ ପର୍ବକୁ ଉତ୍ସାହ ସହିତ ପାଳନ କରାଯାଉଥିବା ବେଳେ ଓଡ଼ିଶାରେ ଏହା ମକର ସଂକ୍ରାନ୍ତି ନାମରେ ପାଳନ କରାଯାଉଅଛି । ଏହି ଉପଲକ୍ଷେ ନୀଳଗିରି ସହରର ପ୍ରସିଦ୍ଧ ଶକ୍ତିପୀଠ'ମା କେନ୍ଦୁଝରୀ ପଶ୍ଚିମା ଠାକୁରାଣୀ'ପୀଠରେ ବହୁ ଧୁମ୍ ଧାମରେ ପାଳନ କରାଯାଉଛି ମକର ମେଳା ସହ ପୂଜାର୍ଚ୍ଚନା। ମଙ୍ଗଳବାର ମାଙ୍କ ପୀଠ ନିକଟରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିବା ବେଳେ ଶ୍ରଦ୍ଧାର ସହିତ କୃପଭିକ୍ଷା କରିଥିଲେ। ଏହି ଉପଲକ୍ଷେ ଅର୍ଣ୍ଣଛତ୍ର ବଣ୍ଟନର ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଲମ୍ବା ଧାଡ଼ିରେ ଯାଇ ପ୍ରସାଦ ସେବନ କରୁଥିବା ଦେଖିବାକୁ ମିଳିଥିଲା। ଏହା ସନ୍ଧ୍ୟା ପର୍ଯ୍ୟନ୍ତ ଚାଲୁରହିବ ବୋଲି ଉକ୍ତ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କ ସୂତ୍ରରୁ ଜଣାପଡିଛି। ଦୀର୍ଘ ୨୯ବର୍ଷଧରି ମାଙ୍କ ନିକଟରେ ଏଭଳି କାର୍ଯ୍ୟକ୍ରମ ମହା ଆଡ଼ମ୍ବରରେ ପାଳନ ହେଉଅଛି। ଏହି କାର୍ଯ୍ୟକ୍ରମରେ ପୀଠର ସଦସ୍ୟ ନବକୁମାର ଦାସ, ସୁରେଶ କୁମାର ସମୁଦ୍ର, ହରେନ୍ଦ୍ର ମହାନ୍ତି, ରଶ୍ମିରଞ୍ଜନ ଦାସ, ରମାକାନ୍ତ ମୁଖୀ, ରମେଶ ଚନ୍ଦ୍ର ରାଉତ, ମିଳନ ଦାସ, ଉପେନ୍ଦ୍ର ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।ଏଭଳି ଆୟୋଜନ କରିଥିବାରୁ ମନ୍ଦିରର କାର୍ଯ୍ୟକର୍ତ୍ତାଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ସାଧୁବାଦ ଜଣାଯାଇଛି।

# ଦୁଇ ଜିଲ୍ଲାରେ ଗୋଟିଏ ଗାଁ

ମାଲକାନଗିରି, ୨୧/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଗଠନ ସମୟରେ ଏହାର ଭୌଗୋଳିକ ସୀମା ନିର୍ଦ୍ଧାରଣ ଠିକ ଭାବେ କରାଯାଇ ନଥିବାରୁ ଏଥିପାଇଁ ହଇରାଣ ହେଉଛନ୍ତି କୁଲାବେଡା ଗ୍ରାମବାସୀ। ଗୋଟିଏ ଗାଁରେ ଘର। ସାହି ବି ଗୋଟିଏ। ଦୁଇ ଘର ମଧ୍ୟରେ ଦୂରତା ୫୦ ମିଟର ବି ନୁହଁ। କିନ୍ତୁ, ବାପା କୋରାପୁଟ ଏବଂ ପୁଅ ମାଲକାନଗିରି ଜିଲ୍ଲା ନିବାସୀ। ଦୁଇ ଜିଲ୍ଲାର ସୀମାରେ ଥିବା କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ୍ ର କୁଲାବେଡ଼ା ଗାଁକୁ ନେଇ ସୃଷ୍ଟି ହୋଇଛି ଏଭଳି ସ୍ଥିତି। ଉଭୟ ଜିଲ୍ଲା ପ୍ରଶାସନ ସୀମା ନିର୍ଦ୍ଧାରଣ ଦିଗରେ ପଦକ୍ଷେପ ନେଉନଥିବାରୁ ଦୁଇ ଜିଲ୍ଲାରୁ ସରକାରୀ ଯୋଜନାର ଫାଇଦା ଉଠାଇ ଚାଲିଛନ୍ତି ଗ୍ରାମବାସୀ। କୁଲାବେଡ଼ା ଗ୍ରାମରେ ରହୁଛନ୍ତି ଶହେ ପରିବାର। ଗ୍ରାମର ୬୦ ଘର ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କୁଟନିପାଲି ପଂଚାୟତରେ ଓ ୪୦ ଘର କୋରାପୁଟ ଜିଲ୍ଲାର ବୈପାରିଗୁଡ଼ା ବ୍ଲକ୍ର ଦଣ୍ଡାବାଡ଼ି ପଂଚାୟତ ଅଧୀନରେ ରହିଛି। କୁଲାବେଡ଼ା ଗାଁ ମଝିରେ ଲାଗିଛି ଦୁଇ ଜିଲ୍ଲାର ବୋର୍ଡ। କୋରାପୁଟ ଜିଲ୍ଲା ପଟେ ରହିଥିବା ଗ୍ରାମରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଅନୁରୂପ ଭାବେ ମାଲକାନଗିରି ଜିଲ୍ଲା ପଟକୁ ଥିବା ଗାଁରେ ମଧ୍ୟ ଅଙ୍ଗନବାଡ଼ି ଓ ସ୍କୁଲ୍ ରହିଛି। ଫଳରେ ଗୋଟିଏ ଗାଁରେ ଦୁଇ ଜିଲ୍ଲା ପକ୍ଷରୁ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ଚାଲିଛି। ମାଲକାନଗିରି ଜିଲ୍ଲା ପଟେ ଥିବା ଗ୍ରାମବାସୀ କୋରାପୁଟ ଜିଲ୍ଲାର ଦଣ୍ଡାବାଡ଼ି ପଂଚାୟତରୁ ଭତା ଓ ରାସନ ପାଉଥିବା ବେଳେ କୋରାପୁଟ ଜିଲ୍ଲା ପଟେ ରହିଥିବା ଗ୍ରାମବାସୀ ମାଲକାନଗିରି ଜିଲ୍ଲାରୁ ସମାନ ଫାଇଦା ଉଠାଉଛନ୍ତି। ଗ୍ରାମବାସୀଙ୍କ ପାଖରେ ରହିଛି ଦୁଇ ଜିଲ୍ଲାର ଭତା କାର୍ଡ। ବିବାହ ପରେ ପୁଅ ଅଲଗା ହୋଇ ଘର ଛାଡ଼ିଲେ ଠିକଣା ବଦଳି ଯାଉଛି। ଗୋଟିଏ ଗାଁରେ ରହି ବାପା କୋରାପୁଟ ଓ ପୁଅ ମାଲକାନଗିରି ଜିଲ୍ଲା ବାସିନ୍ଦା ଭାବେ ଦିନ ଅତିବାହିତ କରୁଛନ୍ତି। ସୀମାକୁ ନେଇ ଠିକଣା ବଦଳି ଥିଲେ ମଧ୍ୟ ଯାନିଯାତ୍ରା, ମେଳା, ପର୍ବ ପରମ୍ପରାକୁ ଗ୍ରାମବାସୀ ଏକାଠି ପାଳନ କରି ଆସୁଛନ୍ତି। କୁଲାବେଡ଼ା ଗ୍ରାମ ବୈପାରିଗୁଡ଼ା ବ୍ଲକ୍ ଦଣ୍ଡାବାଡ଼ି ପଂଚାୟତରୁ ୧୭ କି.ମି. ଦୂରରେ ରହିଛି। ଏତେ ଦୂର ପଂଚାୟତ କାର୍ଯ୍ୟାଳୟକୁ ଯାଇ ଭତା ଓ ପିଡିଏସ୍ ଚାଉଳ ଆଣିବା ହିତାଧିକାରୀଙ୍କ ପାଇଁ କଷ୍ଟକର ହୋଇ ପଡୁଛି। ଯଦି ଏହି ଗ୍ରାମବାସୀଙ୍କୁ ଚିପାକୁର ପଂଚାୟତରେ ଅନ୍ତର୍ଭୁକ୍ତ କରାଯାଇଥାନ୍ତା ତେବେ ଏହା ପଂଚାୟତ କାର୍ଯ୍ୟାଳୟରୁ ଗାଁର ଦୂରତା ମାତ୍ର ୫ କି.ମି. ମଧ୍ୟରେ ସୀମିତ ରୁହନ୍ତା। ମାଲକାନଗିରି ଜିଲ୍ଲା ଅଧୀନରେ ଥିବା ଗ୍ରାମବାସୀ କୁଟନିପାଲି ପଂଚାୟତରେ ରହିଥିବା ବେଳେ ଗାଁରୁ ପଂଚାୟତର ଦୂରତା ମଧ୍ୟ ୧୮ କି.ମି.ରୁ ଊର୍ଦ୍ଧ୍ୱ।

# ଭବାନୀପାଟଣା ବ୍ଲକ ବୋରଭଟା ପଂଚାୟତରେ ଆମ ଓଡିଶା ନବୀନ ଓଡିଶା ତରଫରୁ ପଂଚାୟତସ୍ତରୀୟ ସଚେତନତା ଶିବିର

ଭବାନୀପାଟଣା, ୨୧/୧ (ନି.ପ୍ର): ଭବାନୀପାଟଣା ବ୍ଲକ ବୋରଭଟା ପଂଚାୟତରେ ଆମ ଓଡିଶା ନବୀନ ଓଡିଶା ତରଫରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୋରଭଟା ପଂଚାୟତ ସରପଂଚ ବିବେକ ନାଗଙ୍କ ତତ୍ତ୍ୱାବଧାନରେ ବିରାଟ କାର୍ଯ୍ୟକ୍ରମ ସୁନ୍ଦର ଭାବରେ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ମଂଚାସିନ ହୋଇଥିଲେ ମୁଖ୍ୟ ଅତିଥି ଅତିରିକ୍ତ ବିଡିଓ ଶ୍ରୀଧର ପଣ୍ଡା, ସିଡିପିଓ ନିୟତି ବାଲା ସୁରେନ, ଓ ଏଲ ଏମ ମେଡମ, ଏ ଇ. ଜିଲ୍ଲାପରିଷଦ ସଦସ୍ୟ ହୃଦାନନ୍ଦ ସାହୁ, ଜି ପି ଓ ସମେତ ମାନ୍ୟ ଗଣ୍ୟ ବୁଦ୍ଧିଜୀବୀ ମାନେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କର୍ମକର୍ତା ମାନେ ଷ୍ଟଲ ମାଧ୍ୟମ ଶିଶୁ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଉଦ୍ୟାନ ବିଭାଗ, ମିଶନ ଶକ୍ତି ମହିଳା ଗୋଷ୍ଠୀ ଇତ୍ୟାଦି ସହ ସହ ମହିଳା, ଜନସାଧାରଣ ଉପସ୍ଥିତ ରହିଥିଲେ। ବିଭିନ୍ନ ବିଭାଗରେ ସରକାରୀ କାର୍ଯ୍ୟକ୍ରମ, ସରକାରଙ୍କ ଉନ୍ନତିମୂଳକ ଯୋଜନା ସବୁରେ କେମିତି ଆର୍ଥିକ ସ୍ଥିତିକୁ ସୁଦୃଢ କରୁଛନ୍ତି, ନିଜ ନିଜ ଅନୁଭୂତି ପ୍ରକାଶ କରି ଖୁସି ବ୍ୟକ୍ତ କରିଥିଲେ। ଶିଶୁ ବିକାଶ ଯୋଜନାରେ ପୁଷ୍ଟିକର ଖାଦ୍ୟ, ଅଣ୍ଡା, ଗର୍ଭବତୀ ପ୍ରସୂତି, ଶିଶୁ ମାନେ ଉପକୃତ ହେବା ସହ ମମତା ଯୋଜନାରେ ପାଂଚ ହଜାର ଟଙ୍କା ଗର୍ଭବତୀ ମା ମାନେ ପାଇ ଉପକୃତ ହେଉଥିବାରୁ ଖୁସି ପ୍ରକାଶ କରିବା ସହ ରାସ୍ତା ଘାଟ ନିର୍ମାଣ ହେତୁ ସବୁଜ ସୁନ୍ଦର ପରିବେଶ ହୋଇଥିବା, ପାନୀୟ ଜଳ ଘରେ ଘରେ ଯୋଗାଇ ଦେବା ବିଶେଷ ଗୁରୁତ୍ୱ ବହନ କରୁଥିବା ଜଣାଯାଏ। ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ ମାନଙ୍କୁ ଭତା ଯୋଗାଉଥିବା ଭଳି ସୁବିଧାରେ ଜନତା ଉପକୃତ ହେଉଛନ୍ତି। ମହିଳା ଗୋଷ୍ଠୀ ବର୍ତମାନ ବିଶେଷ ସଚେତନତା ହୋଇ ବିଭିନ୍ନ ଧନ୍ଦାମୂଳକ କାମ କରି ଆର୍ଥିକ ପ୍ରଗତିରେ ଦେଶର ପ୍ରଗତିରେ ସହାୟକ ହେଉଥିବା ବେଳେ ଆଜି ବୋରଭଟା ପଂଚାୟତର ୩୦ ଗୋଟି ମହିଳା ଗୋଷ୍ଠୀଙ୍କୁ ସି. ଆଇ.ଏଫ. କମ୍ୟୁନିଟି ଇନଭେଷ୍ଟ ମେଂଟ ପାଣ୍ଠିରୁ ୧୫ ଲକ୍ଷ ଟଙ୍କାରୁ ପ୍ରତି ଗୋଷ୍ଠୀଙ୍କୁ ୫୦ ହଜାର ଟଙ୍କାର ଚେକ୍ କରାଯାଇଥିଲା। ଏହି ପଂଚାୟତରେ ବିଭିନ୍ନ ମନ୍ଦିର, ଧାର୍ମିକ ଅନୁଷ୍ଠାନ ଇତ୍ୟାଦି ସବୁ ପ୍ରକାର ସୁବିଧା ପାଇଥିବା ଜଣାଯାଏ।

ଏହି ଶିବିରକୁ ହରି ବାଗ ପରିଚାଳନା କରିଥିବା ବେଳେ ପି ଇ ଓ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ସୁନ୍ଦର ହୋଇ ଥିଲା।

## ବାଙ୍କିଆ ଉଚ୍ଚବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ

ଚମ୍ପୁଆ, ୨୧/୧ (ନି.ପ୍ର): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଂଚାୟତ ଅନ୍ତର୍ଗତ ବାଙ୍କିଆ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନ ଶୀଳତାର ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ, ପ୍ରକୃତିବନ୍ଧୁ ସହଦେବ ସିଂହ, ସମ୍ମାନିତ ଅତିଥି ଭାବେ ଲେଖକ ଶ୍ରୀ ଡମ୍ବରୁ ମହାନ୍ତ, ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ସଭାପତି ନବୀନ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଭାଷା ସାହିତ୍ୟର ଉନ୍ନତି ପାଇଁ ପଠନ ସ୍ପୃହା, ଜିଜ୍ଞାସାକୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବାକୁ ଦିଗଦର୍ଶନ ଦେଇଥିଲେ। ଉତ୍ସବରେ ପୁସ୍ତକ ମେଳା ଓ ସମୀକ୍ଷା ସହିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ମୋ କଥା ମୋ କାହାଣୀ ଗଳ୍ପ, କବିତାର ପାଣ୍ଡୁଲିପି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଶିକ୍ଷକ ବିଜୟ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଆସ ଗପ କହିବା ଓ କବିତା ଆବୃତି କ୍ରମରେ ଛାତ୍ରଛାତ୍ରୀମାନେ ଗଳ୍ପ କଥନ ଓ କବିତା ଆବୃତିରେ ଅଂଶଗ୍ରହଣ କରିଥିଲେ। କବିତା ଆବୃତିରେ ବିଶ୍ୱଜିତ ମହାନ୍ତ, ପ୍ରିୟଙ୍କା ନାୟକ, ଲଳିତା ମୁଣ୍ଡା ଓ ଗଳ୍ପ କଥନରେ ଅମ୍ରିତା ମୁଣ୍ଡା, ସନ୍ତୋଷୀ ନାଏକ, ଜୟନ୍ତୀ ନାଏକ ଶ୍ରେଷ୍ଠ ବିବେଚିତ ହୋଇଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ସଂଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମଟି ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ଜେନା, ଦୀପ୍ତିରଞ୍ଜନ ବେହେରା, ଜୀବନ କୁମାର ସେଠୀ, ମିନତୀ ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସେଠୀ, ସରୋଜ ନାଏକ, ଗୋବିନ୍ଦ ମହାରଣା, ତପନ ସେନାପତି, ଲଙ୍କେଶ୍ୱର ପାତ୍ର, ମହେଶ୍ୱର ମୁଣ୍ଡା, ପ୍ରଶାନ୍ତ ଜ୍ୟୋତିଭୂଷଣ ବେହେରା ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

## ନୂଆ-ଓ, ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା

ଗଞ୍ଜାମ, ୨୧/୧ (ନି.ପ୍ର): ରାଜ୍ୟ ସରକାରଙ୍କ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଲୁକାୟିତ କ୍ରୀଡା, କଳା ପ୍ରତିଯୋଗିତା ପରେ ଏବେ ସରକାର ପ୍ରତି ଶିକ୍ଷାନୁଷ୍ଠାନରେ ପୁଣି ଭାଷା, ସାହିତ୍ୟ ଏବଂ ଜଗନ୍ନାଥଙ୍କ ସଂସ୍କୃତି ଉପରେ ପିଲାଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ପରିସ୍ଫୁଟ କରିବା ପାଇଁ ଏହି ପ୍ରୟାସ ନୂଆ-ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ । ଶେରଗଡ଼ ରାଇବତ ପାହାଡର ପାଦ ଦେଶରେ ରହିଥିବା ଉଦୟ ପ୍ରତାପ ବିଜ୍ଞାନ ମହାବିଦ୍ୟାଳୟ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶେରଗଡ଼ ବ୍ଲକ୍ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ, କଲେଜ ଅଧ୍ୟକ୍ଷ ଅଶୋକ ଜେନା, ଅବସରପ୍ରାପ୍ତ ଶିକ୍ଷକ ବିପ୍ର ଚରଣ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଓଡ଼ିଆ ଭାଷା ସାହିତ୍ୟ ଜଗନ୍ନାଥ ସଂସ୍କୃତି ଉପରେ ବକ୍ତ୍ୟ ପ୍ରଦାନ କରିଥଲେ। ଯୁକ୍ତ ତିନି ଛାତ୍ର ଛାତ୍ରୀଙ୍କ ସମେତ ସମସ୍ତ ଅଧ୍ୟାପକ ଉପସ୍ଥିତ ଥିଲେ।

## ପାଞ୍ଚଫୁଟ ଲମ୍ବର ନାଗସାପ ଉଦ୍ଧାର

ନୀଳଗିର, ୨୧/୧ (ନି.ପ୍ର): ନୀଳଗିରି ଏନଏସି ଅଧୀନ ୪ନଂ ୱାର୍ଡ ମିରିଗିଣି ନିକଟ ଶ୍ରୀ ଦୁର୍ଗା ଲୁଗା ଦୋକାନରୁ ପ୍ରାୟ୫ଫୁଟ ଲମ୍ବର ଏକ ନାଗସାପ ଉଦ୍ଧାର କରାଯାଇଛି। ସାପଟି ଲୁଗା ଦୋକାନ ନିକଟରେ ଥିବା କିଛି ବାଉଁଶ ମଧ୍ୟରେ ପଶି ରହିଥିଲା । ଏହା ଦେଖି ଦୋକାନୀ ଭୟବୀତ ହୋଇଥିଲେ ଓ ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ଶ୍ରୀ ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ । ଶ୍ରୀ ରାଉତ ଉକ୍ତ ନାଗସାପଟିକୁ ସୁରକ୍ଷିତ ଭାବେ ଧରି ନିକଟସ୍ଥ ଜଙ୍ଗଲରେ ଛାଡିଦେଇଥିବା ସୂଚନା ମିଳିଛି।

## ପୋଲିସ ହାଇସ୍କୁଲ ବଲାଙ୍ଗିରରେ ସୃଜନଶୀଳତା ବିକାଶ କାର୍ଯ୍ୟକ୍ରମ

ବଲାଙ୍ଗୀର, ୨୧/୧ (ନି.ପ୍ର): ସ୍ଥାନୀୟ ପୋଲିସ ହାଇସ୍କୁଲ ମନୋହରପୁର ଠାରେ ଓଡିଶା ସରକାରଙ୍କ ନିର୍ଦ୍ଦେଶରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କୃତି ପ୍ରତିଯୋଗୀମାନଙ୍କୁ ଅପରାହ୍ନ ସମୟରେ ଅନୁଷ୍ଠିତ ସଭାରେ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରାଟ କେଶରୀ ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବରେ ବିଦ୍ୟାଳୟର ପୁରାତନ ପ୍ରଧାନ ଶିକ୍ଷକ ଯାଜ୍ଞସିନୀ ମିଶ୍ର ଏବଂ ଅତିଥି ଭାବରେ ବିଦ୍ୟାଳୟର ଆଲୁମିନି କମିଟି ସଭାପତି ଗୋବିନ୍ଦ ବହିଦାର, ସଂପାଦକ ଜୟକିଶନ ରଣା, ଉପଦେଷ୍ଟା ଆନନ୍ଦ ଖୁଆସ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏଥିରେ ଛାତ୍ରଛାତ୍ରୀଙ୍କ ସହ ଅନେକ ଅଭିଭାବକ, ଅଭିଭାବିକା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ପିଲାମାନଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା । ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସରୋଜ କୁମାର ମାଝି ଧନ୍ୟବାଦ ଦେଇଥିଲେ ଏବଂ ବିଦ୍ୟାଳୟର କର୍ମଚାରୀ ପରୀକ୍ଷିତ ପଣ୍ଡା, କୃଷ୍ଣପ୍ରୀୟା ପଣ୍ଡା, ଶରତ ନାଗ, ବିମଳ ଦନାୟତ ଏବଂ ବିଦ୍ୟାଳୟର ବିଇଡି ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ ।

# ଆଖୁଆପଦାଠାରେ ଏକୀକୃତ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ

ଭଦ୍ରକ, ୨୧/୧ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଖୁଆପଦାଠାରେ ବୈତରଣୀ ଓ ବୁଢ଼ା ନଦୀରେ ନିର୍ମିତ ହେବାକୁ ଥିବା ଏକୀକୃତ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ପାଇଁ ଶନିବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଆଭାସି ଜରିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପାଇଁ ଆଖୁଆପଦା ଆନିକଟ ନିକଟରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ସାଧାରଣ ସଭାରେ ବରେଣ୍ୟ ଅତିଥି ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ସମାଜସେବୀ କୃଷକ ଅନୁଷ୍ଠାନର କର୍ମକର୍ତ୍ତା ଋଷୀ ଶରତ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ।




ଯାଜପୁର ଜଳସେଚନ ମଣ୍ଡଳ ଅଧୀନରେ ଥିବା ଏହି ପ୍ରକଳ୍ପ ନିର୍ମାଣ ପାଇଁ ୪୮୦ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି। ଆଜିର ଦିନରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜଳର ବହୁଳ ଉପଯୋଗ ନେଇ ଭୂତଳ ଜଳସ୍ତର ହ୍ରାସ ପାଇବା ସହିତ ପାନୀୟ ଜଳ, କୃଷି, ଶିଳ୍ପ ଆଦିଲାଗି ସୃଷ୍ଟି ହେଉଥିବା ଜଳ ସଙ୍କଟ ର ସ୍ଥାୟୀ ନିରାକରଣ ପାଇଁ ଏହି ଏକୀକୃତ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଆଞ୍ଚଳିକ ଜନଜୀବନ ପାଇଁ ବହୁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ପ୍ରକଳ୍ପରେ ନଦୀ ମଧ୍ୟରେ ବ୍ୟାରେଜ ନିର୍ମାଣ ଜରିଆରେ ବହିଯାଉଥିବା ବଳକା ଜଳକୁ ବାନ୍ଧିରଖି ଅନ୍ତଃନଦୀ ଜଳାଶୟ ସୃଷ୍ଟି କରି ଜଳ ସୁରକ୍ଷା ସହିତ ଭୂତଳ ଜଳ ସ୍ତର ବୃଦ୍ଧି କରାଯାଇପାରିବ। ଅସମୟରେ ବନ୍ୟାକୁ ନିୟନ୍ତ୍ରଣ କରାଯାଇ ପାରିବ। ରବି ଋତୁରେ ଉକ୍ତ ଜଳର ବ୍ୟବହାର କରି ତୈଳ, ଡାଲି ଜାତୀୟ ଓ ପନିପରିବା ଫସଲ ହେବା ସହିତ ବର୍ଷ ତମାମ୍ ମତ୍ସ୍ୟଚାଷ ଜରିଆରେ ମତ୍ସଜୀବୀ ଓ ମତ୍ସ୍ୟ ବ୍ୟବସାୟୀଙ୍କ ରୋଜଗାର ବଢ଼ାଯାଇ ପାରିବ। ଆଖୁଆ ପଦାର ଏହି ପ୍ରକଳ୍ପ ଦ୍ୱାରା ଭଣ୍ଡାରିପୋଖରୀର ୨୦୮ଟି ଗାଁ ବିଶେଷ ଭାବେ ଉପକୃତ ହୋଇପାରିବ ବୋଲି ଋଷୀ ଶ୍ରୀ ଜେନା ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ଅବସରରେ ଅବଗତ କରାଇ ଜିଲ୍ଲାବାସୀଙ୍କ ତରଫରୁ କୃତଜ୍ଞତା ପ୍ରକାଶ କରିଥିଲେ।

ସୂଚନା ଯୋଗ୍ୟ କି ବିନା ଜମି ଅଧିଗ୍ରହଣ ଓ ବିନା ବିସ୍ଥାପିତରେ ସାରା ରାଜ୍ୟରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୧ ହଜାର ୭୦୦ କୋଟି ଟଙ୍କାର ଅଟକଳ କରାଯାଇଛି। ଏହି ଯୋଜନାରେ ରାଜ୍ୟରେ ୭୨ଟି ପ୍ରକଳ୍ପ ନିର୍ମାଣ ହେବାକୁ ଥିବାବେଳେ ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୩ଟି ଜିଲ୍ଲାର ୪ ହଜାର ୬୦୦ କୋଟି ଟଙ୍କାରେ ୧୯ ଟି ଏକୀକୃତ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଗଲା। ୩ଟି ପର୍ଯ୍ୟାୟରେ ସମସ୍ତ ୭୨ଟି ପ୍ରକଳ୍ପର କାର୍ଯ୍ୟ ସମାପ୍ତ କରାଯିବା ନେଇ ସୂଚନା ପ୍ରଦାନ କରାଯାଇଥିଲା।

ଭଣ୍ଡାରିପୋଖରୀର ବି.ଡ଼ି.ଓ. ଦେବଦତ୍ତ ଦାସ, ତହସିଲଦାର ସରୋଜ କାନ୍ତ ନାୟକ, ଜଳସେଚନ ଏସ୍.ଡ଼ି.ଓ. ଷଡ଼ଙ୍କର୍ଷଣ ବେହେରା, ବନ୍ତ ବ୍ଲକ୍, ଅଧ୍ୟକ୍ଷ ମନୋରଞ୍ଜନ ଘଡ଼ାଇ, ଭଣ୍ଡାରିପୋଖରୀ ବ୍ଲକ୍ ଉପାଧ୍ୟକ୍ଷ ପ୍ରଣୟ କାନ୍ତି ସାମଲ, ଭଦ୍ରକ ବ୍ଲକ୍ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବି.ଜେ.ଡ଼ି. ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ ଓ ଅନ୍ୟ ଜନ ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଚାଖି ଖୁଂଟିଆଙ୍କ ୨୦୨ ତମ ଜୟନ୍ତୀ ପାଳିତ

ପୁରୀ, ୨୧/୧ (ନି.ପ୍ର): ଦେଶର ସୁରକ୍ଷା ଓ ଗୌରବ ପାଇଁ ବୀର ସହୀଦଙ୍କର ଅବଦାନ ଅତୁଳନୀୟ। ଚାଖି ଖୁଂଟିଆ ବା ଚନ୍ଦନ ହଜୁରୀ ଏପରି ଜଣେ ବୀର ଯିଏ ଦେଶ ମାତୃକାର ସେବା ସହ ମହାପ୍ରଭୁଙ୍କ ସେବାରେ ମଧ୍ୟ ସମର୍ପିତ ଥିଲେ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ। ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଚାଖି ଖୁଂଟିଆ ସ୍ମୃତି ସମିତିର ମିଳିତ ସହଯୋଗରେ ଚାଖି ଖୁଂଟିଆଙ୍କର ୨୦୨ ତମ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ମହାପୁରୁଷ ମାନଙ୍କର ସେବା ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଗାମୀ ପିଢ଼ିକୁ ଅବଗତ କରାଯିବା ଉଚିତ ବୋଲି କହିଥିଲେ। ଚନ୍ଦନ ହଜୁରୀଙ୍କ ଜୀବନୀ, ଆଦର୍ଶ, ତ୍ୟାଗ ସମ୍ପର୍କରେ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କୁ ଅବଗତ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ପ୍ରଫେସର କୈଳାସ ଚନ୍ଦ୍ର ଟୀକାୟତରାୟ ଚାଖି ଖୁଂଟିଆଙ୍କ ଜନ୍ମ, ନାମର ସାର୍ଥକତା, କର୍ମ, ସଂଗ୍ରାମ, ଦେଶପ୍ରେମ, ଆଧ୍ୟାତ୍ମିକତା, ଚାଖିଙ୍କ ଦ୍ୱାରା ରଚିତ ଜଗନ୍ନାଥ ଜଣାଣ ଭଜନ ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଚାଖିଙ୍କ ଦାୟାଦ ନୀଳକଣ୍ଠ ଖୁଂଟିଆ ଚାଖିଙ୍କ ଜୀବନୀ ଓ କାର୍ଯ୍ୟ ଧାରା ସମ୍ପର୍କରେ ଆଲୋଚନା କରି ତାଙ୍କ ପରି ଦୁର୍ଦ୍ଦଶ ସଂଗ୍ରାମୀ ପୁରୀ ମାଟିରେ ଜନ୍ମ ନେବା ଅତ୍ୟନ୍ତ ଗୌରବର କଥା ବୋଲି କହିଥିଲେ।

ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ମାୟାଧର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ମୃତି ସମିତି ସମ୍ପାଦକ ଧ୍ରୁବ ଚରଣ କର ସମସ୍ତଙ୍କୁ ସ୍ୱାଗତ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ସେହିପରି ବିଶ୍ୱମ୍ଭର ବିଦ୍ୟାପୀଠର ଏନସିସି ଟିମ ଓ ଭୋଳାନାଥ ବିଦ୍ୟାପୀଠର ସ୍କାଉଟ ଟିମ କୁ ପୁରସ୍କୃତ କରାଯାଇଥିଲା। ଶ୍ରୀପର୍ଣ୍ଣା କଳା ପରିଷଦ ସ୍ୱାଗତ ସଂଗୀତ ଓ ଚାଖିଙ୍କ ରଚିତ ଭଜନ ପରିବେଷଣ କରିଥିଲେ।

ପ୍ରାରମ୍ଭରେ ସ୍ମୃତି ସମିତିର ସଭାପତି ଦିବଙ୍ଗତ ମହେଶ୍ୱର ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟ ରେ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଅନାମ ଚନ୍ଦ୍ର ସାହୁ ଓ ଶିବ ସୁନ୍ଦର ସୁନ୍ଦର ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୋଦା ଦେବୀ, କ୍ରୀଷ୍ଣା ମହାପାତ୍ର, ଡାକ୍ତର ରାନୁ ମିଶ୍ର, ମନୋରମା ଆଚାର୍ଯ୍ୟ, କୃଷ୍ଣ ଚନ୍ଦ୍ର ରଥ, ନାରାୟଣ ନନ୍ଦ, ସ୍ୱାତୀ ସୁଚରିତା ଦାଶ, ଅନନ୍ତ ପ୍ରଧାନ, ରାଜେଶ ବେହେରା, ସର୍ବେଶ୍ୱର ପାଳ, ଅଧ୍ୟାପକ ସହଦେବ ସାହୁ, ରୋଜାଲିନ ପଣ୍ଡା, ଚନ୍ଦ୍ର ଶେଖର ମହାରଣା, ଅନାମ ଚନ୍ଦ୍ର ସାହୁ, ସୁଚରିତା ପ୍ରତିହାରୀ, ସ୍ନେହାସିନୀ ବେହେରା, ପୌର୍ଣ୍ଣମାସୀ ଦେବୀ, କମଳିନୀ ପାଣିଗ୍ରାହୀ, ସନ୍ତୋଷିନୀ ବେହେରା, ସୁକାନ୍ତ ମହାପାତ୍ର ଓ କରୁଣାକର ଭୋଳ ପ୍ରମୁଖ କବିତା ପଠନ କରିଥିଲେ।ପ୍ରତ୍ୟୁଷରୁ ପୁରୀ କୋଣାର୍କ ଉନ୍ନୟନ କର୍ତୃପକ୍ଷଙ୍କ କାର୍ଯ୍ୟାଳୟ ଠାରେ ଚାଖିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୁରୀ ପୌରାଚଂଳର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଓ ଅନ୍ୟାନ୍ୟ ଅତିଥି ମାନେ ଯୋଗଦେଇ ମାଲ୍ୟାର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ।

# ବେତନଟୀ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବେତନଟୀ, ୨୧/୧ (ନି.ପ୍ର): ବେତନଟୀ ଆଦର୍ଶ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ଆଦର୍ଶ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତୁଷାର କାନ୍ତି ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱତନ୍ତ୍ର ଅତିଥି ଭାବରେ ବେତନଟୀ ବିଡ଼ିଓ ନିର୍ଲିପ୍ତା ମହାନ୍ତି, ୩୫ ନମ୍ବର ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ପ୍ରଫେସର ବିଚିତ୍ର ନାଥ, ସହକାରୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ , ଗୋପାଳ ଚନ୍ଦ୍ର ସେନାପତି, ବେତନଟୀ ଅଗ୍ନିଶମ ଅଧିକାରୀ ରବିନ୍ଦ୍ର ସେଠୀ ପ୍ରମୁଖ ମଞ୍ଚାସୀନ ରହି ଛାତ୍ର ଛାତ୍ରୀ ଙ୍କ ଉଦେଶ୍ୟ ରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବିଦ୍ୟାଳୟ ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପିତବାସ ସାହୁ, ସୁମନ୍ତ କୁମାର ସେଠୀ, ଶାନ୍ତି ଭୁଷଣ ପାଣ୍ଡେ, ସ୍ୱାଗତୀକା ମହାନ୍ତି, ଗୌତମ ନାୟକ, ସୁବାଷ ଚନ୍ଦ୍ର ସାମଲ, ମୃତ୍ୟୁଞ୍ଜୟ ପାତ୍ର, ଦୀପକ କୁମାର ରାହୁଲ, କାହ୍ନୁ ଚରଣ ମୁର୍ମୁ, ସନ୍ତୋଷ କୁମାର ଟ୍ୱହୁରିଆ, ଧର୍ମପଦ ନନ୍ଦୀ, ଶାଶ୍ୱତୀ ପଣ୍ଡା, ଗ୍ୟନେନ୍ଦ୍ର କୁମାର ଅରୁଖ, ସତ୍ୟନାରାୟଣ ମହାନ୍ତ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର

ମାଲକାନଗିରି, ୨୧/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ମାଲକାନଗିରି ମହାବିଦ୍ୟାଳୟର ସଭା ଗୃହରେ ଜଗନ୍ନାଥ ସଂସ୍କୃତି ଉପରେ ଏକ ଦିବସୀୟ ଆଲୋଚନାଚକ୍ର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ କୁମାର ରଥ ଯୋଗଦାନ କରି ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ବିଜୟ କୁମାର ମିଶ୍ର କହିଲେ, ଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତିର ଠାକୁର ଏବଂ ଶବରଙ୍କ ପ୍ରଥମ ଆରାଧ୍ୟ । ଜିଲ୍ଲା ନୋଡାଲ ଅଧିକାରୀ ଡ଼. ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ସହିତ ମଂଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ନୃତ୍ୟ ବିଭାଗ (ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନବରଙ୍ଗପୁର ) ଅଧ୍ୟାପିକା ଡ଼. ସିଲ୍ ରାଉତ ଜଗନ୍ନାଥଙ୍କ ଭୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

## ବଳବସପୁର ତିନିଛକ ଦେଶୀମଦ ଭାଟି ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାରେ ଯୁବକ ମୃତ

ଭବାନୀପାଟଣା, ୨୧/୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବଳବସପୁର ତିନିଛକ ଦେଶୀ ମଦଭାଟି ନିକଟର ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାରେ ଉଲିକୁପା ଗ୍ରାମର କ୍ଷୀରସିନ୍ଧୁ ହରିଜନ ବୋଲି ଜଣାପଡ଼ିଛି। ଏହି ଘଟଣାଟି ରାକ୍ସିରୁ ରୁପ୍ରାରୋଡ଼ ଯିବାବେଳେ ରାତି ୦୨ ସମୟରେ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। କଳାହାଣ୍ଡିରେ ଦିନକୁ ଦିନ ଦୁର୍ଘଟଣା ଘଟିବାରେ ଲାଗିଛି। ଏହି ଦୁର୍ଘଟଣାର ସୂଚନା ପାଇ ନର୍ଲା ପୋଲିସ ଆଇଆଇସି ଗଙ୍ଗାଧର ମେହେର ଘଟଣାସ୍ଥଳରେ ତଦନ୍ତ ଜାରି ରଖିଛନ୍ତି।

# ବାଜ୍ୟାପ୍ତି ହେଲା ନିଶା ବେପାରୀ ଶିବ ଦାସଙ୍କ ସମ୍ପତ୍ତି



ଜଟଣୀ,୨୧/୦୧ (ନି.ପ୍ର): ୭୩ ଲକ୍ଷ ୭୫ ହାଜର ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି। ପ୍ରକାଶ ଥାଉକି, ଜଟଣୀ ମୁଣ୍ଡିଆସାହି ଶିବ ଦାସଙ୍କ ସମ୍ପତ୍ତି ବାଜ୍ୟାପ୍ତି। ୩.୧କେଜିର ବ୍ରାଉନସୁଗାର ଜବତ, ଶିବ ପ୍ରସାଦ ଗିରଫ, ୩ ବିଦେଶୀ ବନ୍ଧୁକ, ୭ ମାଗାଜିନ୍, ୪୩ ରାଉଣ୍ଡ ଗୁଳି ଜବତ। ୬୫ ଲକ୍ଷ ୩୨ ହଜାର ୨ ଶହ ନଗଦ ଟଙ୍କା ଜବତ। ଅଧିକ ତଥ୍ଯ ଆଗକୁ ଦେଖିବା ସମ୍ପୂର୍ଣ୍ଣ ତଦନ୍ତ ପରେ।

# ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା 'ସୋପାନ' ଆୟୋଜିତ




ବସ୍ତା୨୧/୧(ନିପ୍ର): ପୋଷଣର ଅଭିବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ଏକ ଅଭିନବ ପ୍ରୟାସ 'ସୋପାନ'। କିଶୋରୀ ବାଳିକାମାନଙ୍କର ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା ସହିତ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶର ମୂଳ ଲକ୍ଷ୍ୟ। ସେହି ଭଳି ପ୍ରତିଭାବାନ କିଶୋରୀ ବାଳିକା ମାନଙ୍କୁ ନେଇ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସଦର ଆର ବାଲେଶ୍ୱର ରାଇସୁଆଁ ପଞ୍ଚାୟତରେ ୨୧-୧-୨୪ ରେ କିଶୋରୀ ବାଳିକା ମେଳା ୨୦୨୪ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ସଦର ଗ୍ରାମାଞ୍ଚଳ ସିଡ଼ିପିଓ ସୁଜାତା ପଟ୍ଟନାୟକଙ୍କ ଅଧକ୍ଷତାରେ ସମସ୍ତ ଆଶାକର୍ମୀ, ମୁଖ୍ୟ ସେବିକା,୧୫ରୁ ୧୯ ବର୍ଷର କିଶୋରୀ ଏବଂ ଓସିଏସ ସଖୀର ପରିଚାଳନା ନିର୍ଦ୍ଦେଶିକା ଉପସ୍ଥିତ ଥିଲେ।ଏହି ମେଳାରେ ଓଜନ, ବିଭିନ୍ନ ରଙ୍ଗର ଖାଦ୍ୟ (ଇନ୍ଦ୍ରଧନୁ), ଟିକି ମାଉସୀ, ବିଭିନ୍ନ ବର୍ଗର ଖାଦ୍ୟ,କଣ୍ଢେଇ ଘର, ଝୋଟି, ନାଚ, ଗୀତ, ଡ୍ରଇଂ,ବାଲ୍ୟ ବିବାହର ଅପକାରିତା ଉପରେ ଆଲୋଚନା କରାଯାଇଥିଲା। ସେକ୍ଟର ସୁପରଭାଇଜର ପ୍ରଦୀପ୍ତା ସେନା ଶିବିର ପରିଚାଳନା କରିଥିଲେ। ମୁଖ୍ୟ ସେବିକା ରେଣୁବାଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଅଯୋଧ୍ୟାରେ 'ତ୍ରେତୟା ...

ଗର୍ଭଗୃହରେ ପ୍ରତିଷ୍ଠିତ ରାମଲାଲାଙ୍କ ମୂର୍ତ୍ତିକୁ ୧୧୪ କଳସ ଔଷଧୀୟ ଜଳରେ ସ୍ନାନ କରାଯାଇଛି । ରାମଲାଲାଙ୍କ ପାଇଁ ଅଯୋଧ୍ୟା ଏଭଳି ସଜେଇ ହୋଇଛି ଯେ, ଲାଗୁଚି ଯେମିତି ରାମଙ୍କ ଆଗମନ ପାଇଁ ତ୍ରେତୟା ଯୁଗକୁ ଫେରିଯାଇଛି ରାମଙ୍କ ନଗରୀ । ସୋମବାର ସେହି ମୁହୂର୍ତ୍ତକୁ ସାରା ଦେଶ ଅପେକ୍ଷା କରିଛି ଯେତେବେଳେ ପ୍ରଧାନମନ୍ତ୍ରୀ ଆସିବେ ଓ ରାମଲାଲଙ୍କ ପ୍ରାଣପ୍ରତିଷ୍ଠା ହେବ । ରାମ ଜନ୍ମଭୂମିର ମୁଖ୍ୟ ପୂଜାରୀ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ କହିବା ଅନୁସାରେ, ସୋମବାର ଦିନ ୧୨ଟା ୦୫ରୁ ୧୨ଟା ୫୫ ଯାଏଁ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ ପରେ ଭବ୍ୟ ମନ୍ଦିରରେ ବିରାଜମାନ କରିବେ ପ୍ରଭୁ ରାମ । ବିରାଜମାନ ବେଳେ ରାମଲାଲଙ୍କ ଆଖିରେ ପଟି ରହିବ ଓ ପ୍ରାଣପ୍ରତିଷ୍ଠା ସରିବା ପରେ ପଟି ଖୋଲାଯିବ ।
ପଟି ଖୋଲାଯିବା ପରେ ରାମଲାଲାଙ୍କୁ ଦର୍ପଣ ଦେଖାଯିବ ଓ କଜଳ ଲଗାଯିବ । ପ୍ରାଣପ୍ରତିଷ୍ଠା ସମୟରେ ଉପସ୍ଥିତି ରହିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ସମୟରେ ୭ ହଜାର ଭିଆଇପି ମନ୍ଦିରରେ ଉପସ୍ଥିତ ରହିବେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ୧୧ ଦିନର ବ୍ରତ ପାଳନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରବିବାର ତାମିଲନାଡୁର କୋଦଣ୍ଡାରାମାସ୍ୱାମୀ ମନ୍ଦିରରେ ସେ ପୂଜାର୍ଚ୍ଚନା କରିଛନ୍ତି । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଧନୁଷକୋଡିରେ ଥିବା ସମୁଦ୍ର କୂଳରେ ପହଂଚିଥିଲେ ଓ ଆରିଚଲ ମୁନାଇ ପଏଂଟରେ ପ୍ରାଣାୟମ କରିଥିଲେ ।

# ସମ୍ବଲପୁର କୌଶଳ ମହୋତ୍ସବରେ ୧୦୯୫ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କଲେ କେନ୍ଦ୍ରମନ୍ତ୍ରୀ

## କୌଶଳ ମହୋତ୍ସବ ଯୁବବର୍ଗଙ୍କୁ ରୋଜଗାର ଦେଇ ସ୍ୱପ୍ନ ପୂରଣ କରୁଛି : ଧର୍ମେନ୍ଦ୍ର ପ୍ରଧାନ




ଭୁବନେଶ୍ୱର,୨୧/୦୧ (ନି.ପ୍ର): ସମ୍ବଲପୁର ୨୧ – ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅନ୍ତର୍ଗତ ଏନଏସଡିସି ଦ୍ୱାରା ଆୟୋଜିତ କୌଶଳ ମହୋତ୍ସବ (ରୋଜଗାର ମେଳା) ଯୁବବର୍ଗଙ୍କ ଆତ୍ମବିଶ୍ୱାସ ବଢାଇବା ସହ ସେମାନଙ୍କର ସ୍ୱପ୍ନ ପୂରଣ କରୁଛି ବୋଲି ସମ୍ବଲପୁର ଜିଲ୍ଲାର ଧାନକଉଡ଼ା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।
ସମ୍ବଲପୁର କୌଶଳ ମହୋତ୍ସବରେ ସାହୀ ଏକ୍ସପୋର୍ଟ, ଏଲ ଆଣ୍ଡ ଟି ଫାଇନାନ୍ସ, ରିଲାଇନ୍ସ ଜିଓ କମ୍ପାନୀ ସହ ବ୍ୟାଙ୍କିଂ, ଇଲେକ୍ଟ୍ରୋନିକ୍ସ, ଆଇଟି, ମ୍ୟାନେଜମେଣ୍ଟ, ମାଇନିଂ, ପର୍ଯ୍ୟଟନ ଏବଂ ଆତିଥେୟତା କ୍ଷେତ୍ରରେ ଚୟନ ହୋଇଥିବା ୧୦୯୫ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ଓଡ଼ିଶା ସମେତ ଦେଶର ଦକ୍ଷ ଯୁବକ ଯୁବତୀମାନଙ୍କୁ ବିଭିନ୍ନ ସେକ୍ଟରରେ ରୋଜଗାର ପ୍ରଦାନ କରିବା ଲକ୍ଷ୍ୟରେ ଆୟୋଜିତ ଏହି ରୋଜଗାର ମେଳାରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ଯୁଗରେ ଡିଗ୍ରୀ ଭଳି ଦକ୍ଷତା ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ଭାରତକୁ ଆଗକୁ ନେବା ପାଇଁ ହେଲେ ଯୁବବର୍ଗଙ୍କୁ ଦକ୍ଷ କରିବା ଜରୁରୀ । ଦକ୍ଷତା ବଢିଲେ ହିଁ ଆମର ପିଲାମାନେ ଉଦ୍ୟୋଗୀ ହେବେ ଏବଂ ଦେଶରେ ରୋଜଗାର ହ୍ରାସ ପାଇବ। ଏ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୨୦୧୭-୧୮ରେ ଦେଶରେ ୬% ବେରୋଜଗାରୀ ତୁଳନାରେ ୨୦୨୨-୨୩ରେ ଏହା ହ୍ରାସ ପାଇ ୩.୨%ରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀଙ୍କ କୁଶଳ ପ୍ରବନ୍ଧନ କାରଣରୁ ଦେଶରେ ନୂଆ ରୋଜଗାର ତିଆରି ହେଉଛି । ଏହି ଉତ୍ସବରେ ନିଯୁକ୍ତି ପାଇଥିବା କିଛି ପ୍ରାର୍ଥୀଙ୍କ ସହ କଥା ହୋଇଥିଲେ କେନ୍ଦ୍ରମନ୍ତ୍ରୀ । ସମ୍ବଲପୁରର ଖୁସି ସାହୁ, ତନୁ ସୋନିଙ୍କ ସମେତ ଦିବ୍ୟାଙ୍ଗ ସୁଧୀର କୁମାର ସାହାଣୀ, ଗଞ୍ଜାମର ସ୍ମୃତିଶ ରଞ୍ଜନ ପଣ୍ଡା ଏବଂ ବଲାଙ୍ଗୀରର ଶିବୁ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ । ଏହିଭଳି ଯୁବ ପ୍ରତିଭାମାନେ ଆଜି ରୋଜଗାର ମେଳା ମାଧ୍ୟମରେ ବିଭିନ୍ନ ସେକ୍ଟରରେ ନିଯୁକ୍ତି ପାଇଛନ୍ତି । ସେମାନଙ୍କ ମଧ୍ୟରେ କାମ କରିବା ନେଇ ଥିବା ଏକାଗ୍ରତା ଓ ଇଚ୍ଛାଶକ୍ତିକୁ ପ୍ରଶଂସା କରିବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସୁଧୀରଙ୍କ ପରି ଦିବ୍ୟାଙ୍ଗ ପିଲା ମାନେ ଦେଖିଥିବା ସ୍ୱପ୍ନକୁ ପୂରଣ କରିବା ସହ ସେମାନଙ୍କ ମନରେ ଆତ୍ମବିଶ୍ୱାସ ବଢାଇବା ପାଇଁ ରୋଜଗାର ମେଳାର ଆୟୋଜନ । ସେମାନଙ୍କୁ ସମ୍ମାନ ଓ ସ୍ୱାଭିମାନ ସହକାରେ ଜୀବନ ବଞ୍ଚିବା ପାଇଁ ବାଟ ଦେଖାଇଛି । ଯେଉଁ ରାଜ୍ୟରେ ପୁରୀ ଜଗନ୍ନାଥ ମନ୍ଦିର ଓ କୋଣାର୍କ ଭଳି ମନ୍ଦିର ନିର୍ମାଣ ହୁଏ, ସୂକ୍ଷ୍ମ ସମ୍ବଲପୁରୀ ବସ୍ତ୍ର ତିଆରି ହୁଏ, ସେହି ରାଜ୍ୟରେ ଯୁବକ ମାନଙ୍କ ମଧ୍ୟରେ ଦକ୍ଷତା ବହୁତ ଅଛି । ଏହାକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶାବାସୀଙ୍କୁ ସମ୍ମାନର ସହ ବଞ୍ଚିବାର ନେତୃତ୍ୱ ନେଉଛନ୍ତି । ସ୍କିଲ୍ ଇଣ୍ଡିଆ ଓ ଡିଜିଟାଲ ଇଣ୍ଡିଆ ଯୁବକଙ୍କୁ ଆତ୍ମନିର୍ଭର ଓ ସ୍ୱାଭିମାନ କରିବା ପାଇଁ ନରେନ୍ଦ୍ର ମୋଦିଙ୍କର ଅଭିନବ ଉପକ୍ରମ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ବିଭିନ୍ନ ଯୋଜନା ମାଧ୍ୟମରେ ସାଧାରଣ ଘରର ଯୁବବର୍ଗଙ୍କୁ ସ୍କିଲିଂ କରିବା ସହ ଉଦ୍ୟମିତା ସହ ଯୋଡିବା ପାଇଁ ସର୍ବଦା ପ୍ରୟାସରତ । ଜାତୀୟ ଶିକ୍ଷା ନୀତିରେ କୌଶଳକୁ ସ୍କୁଲ ପାଠପଢାର ବିଷୟ ଭାବରେ ଗ୍ରହଣ କରାଯିବା ସହ ଏକାଡେମିକ ବ୍ୟାଙ୍କ ଅଫ କ୍ରେଡିଟ୍ ଭଳି ପଦକ୍ଷେପ ନିଆଯାଇଛି । ରୋଜଗାର ସହ ପାଠପଢାର ବ୍ୟବସ୍ଥା ହୋଇଛି । କାମ କରିବାର ଅନୁଭବକୁ କ୍ରେଡିଟ୍ ଦିଆଯାଇଛି । ସ୍କୁଲରେ ରୋବୋଟିକ ପାଠ ପଢାଇବାର ଯୋଜନା ଆରମ୍ଭ କରିଛନ୍ତି । ଏହା ଦ୍ୱାରା ପିଲା ମାନଙ୍କର କ୍ୟାରିୟରରେ ଅଭିବୃଦ୍ଧି ହେବ । ଏହି ସବୁ ପଦକ୍ଷେପ ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ । ସବୁ ଯୁବବର୍ଗଙ୍କ ଆକାଂକ୍ଷା ଓ ଭବିଷ୍ୟତର ସ୍ୱପ୍ନକୁ ପୂରଣ କରିବା ପାଇଁ ମୋଦି ପ୍ରତିଶ୍ରୁତିବଦ୍ଧ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିଯୁକ୍ତି ପାଇଥିବା ପ୍ରାର୍ଥୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କୁ ସ୍କିଲ୍ ଇଣ୍ଡିଆ ଡିଜିଟାଲ ଆପ୍ ଡାଉନଲୋଡ୍ କରିବା ପାଇଁ ପରାମର୍ଶ ଦେଇଥିଲେ ।

# ତୈଳ ବିଶୋଧନାଗାର ଟାଉନଶିପ ପରିସରରେ ପୁଷ୍ପ ପ୍ରଦର୍ଶନୀ



ପାରାଦୀପ, ୨୧/୧ :ପାରାଦ୍ୱୀପ ତୈଳ ବିଶୋଧନାଗାର ଟାଉନଶିପ ପରିସରରେ ଆଜି ୧୩ ତମ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଶୋଧନାଗାର ଅନ୍ତେବାସୀମାନେ ନିଜ ନିଜ ବଗିଚାରେ ପ୍ରସ୍ତୁତ କରିଥିବା ସୁନ୍ଦର ସୁନ୍ଦର ଫୁଲ ଗୁଡିକୁ ପ୍ରଦର୍ଶିତ କରିଥିଲେ। ପୁଷ୍ପ ପ୍ରଦର୍ଶନୀ ଉପଲକ୍ଷେ ଫୁଡ ବଜାର ସହ ବାଣିଜ୍ୟ ମେଳାରେ ବହୁ ପ୍ରତିଷ୍ଠିତ ସଂସ୍ଥାମାନେ ଅଂଶ ଗ୍ରହଣ କରିଥିଲେ। ଟାଉନଶିପ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ଏହି ସୁନ୍ଦର ଆୟୋଜନ ସମସ୍ତଙ୍କ ମନମୁଗ୍ଧ କରିବା ସହ ନିଜର ବ୍ୟସ୍ତ ବହୁଳତା ସମୟରୁ କିଛି ସମୟ ବିଭିନ୍ନ ପୁଷ୍ପ ଗୁଡିକ ସହିତ ଅତିବାହିତ କରିବା ଦ୍ୱାରା କ୍ଳାନ୍ତ ମନକୁ ଶାନ୍ତି ମିଳିଥିଲା । ଆଗାମୀ ଦିନରେ ଏହି ଭଳି କାର୍ଯ୍ୟକ୍ରମ ଜାରୀ ରହିବ ବୋଲି ଡିଜିଏମ୍. ସଂଗ୍ରାମ ମିଶ୍ର ସୂଚନା ଦେଇଥିଲେ। ବିଶୋଧନାଗାର ସଦା ସର୍ବଦା ପାରିପାର୍ଶିକ ଉନ୍ନୟନ ସହିତ ଅଂଚଳର ସାମଗ୍ରୀକ ବିକାଶରେ ସାମିଲ ହୋଇଛି। ପାରାଦୀପ ତୈଳ ବିଶୋଧନାଗାର ପୂର୍ବ ଭାରତର ବିକାଶର ଦ୍ୱାର ହୋଇ ପାରିଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ

# ଝୋଟ ଶିଳ୍ପର ପ୍ରଶିକ୍ଷଣ ଶିବିର ଉଦଯାପିତ




ବସ୍ତା,୨୧।୧(ନି ପ୍ର) ବାଲେଶ୍ୱରଜିଲ୍ଲା ବସ୍ତାବ୍ଲକ ମଥାନୀ ପଞ୍ଚାୟତ ଅଫିସ ସଭାଗୃହରେ ଝୋଟ କାରିଗରଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଏଗ୍ରିକେଲଚର ଅଫିସର ଶ୍ରଦ୍ଧା ହୋତା. ବାଲେଶ୍ୱର ଆତ୍ମା ର ଡିପିଡି ସରୋଜ କୁମାରଗିରି.ରୋଜା ର ସେକ୍ରେଟେରୀ ରୋଜାଲିନ୍ ବେହେରା.ରୋଜା ର ପ୍ରେସିଡେଣ୍ଟ ସଞ୍ଜିତ୍ ରାଉତରାୟ. ମଥାନୀ ଭିଏ ଡବ୍ଲୁ କେଶବ ଚନ୍ଦ୍ର ପ୍ରଧାନ. ବସ୍ତା ଝୋଟ ଗ୍ରାଫ ସୁପରଭାଇଜର ଶ୍ରୀମତୀ ଆରତୀ ସାହୁ. ମଥାନୀ ଜି ପି ର ପ୍ରେସିଡେଣ୍ଟ ମିନାରାଣୀ ମହାପାତ୍ର । ପି ଜି ପ୍ରେସିଡେଣ୍ଟ ମଙ୍ଗଳିନୀ ପରିଡା ଉପସ୍ଥିତଥିଲେ। ୨୫୦ଜଣ ମହିଳା ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ୨୦ଜଣ ମହିଳାଙ୍କ କାର୍ଯ୍ୟ ଦକ୍ଷତାଦେଖି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ତେବେ ପ୍ରତି ୩ମାସରେ ବୁଣାକାର ମାନଙ୍କୁ ନେଇ ତାଲିମ କାର୍ଯ୍ୟ ଚାଲୁ ରହିଛି। ଝୋଟରୁ ତିଆରି ବିଭିନ୍ନ ସାମଗ୍ରି ଯଥା ପାଣି ବୋତଲ ବ୍ୟାଗ, ଭେନଟି,ସପିଙ୍ଗ ବ୍ୟାଗ, ବଡବ୍ୟାଗ, କଣ୍ଢେଇ, ଫୁଲତୋଡା ଫାଇଲ କଭର, ଟେବୁଲ କ୍ଲଥ, ସୁଫାସେଟ କଭର.ୱାଲ ହେଙ୍ଗିଙ୍ଗ, ଛୋଟ ଭେନଟି, ଫାଇଲ ଫୁଲଡର ଭଳି ବିଭିନ୍ନ କିସମର ସାମଗ୍ରୀ ତିଆରି ହେଉଛି । ଯାହାକି ବିଭିନ୍ନ ଜାନି ଯାତ୍ରା ବଜାରରେ ଧିରେଧିରେ ଲୋକ ମାନଙ୍କୁ ଆକର୍ଷିତ କରୁଛି । ଯାହା ଫଳରେ ମହିଳା ମାନେ ମାସକୁ ୮ହଜାରରୁ ୧୦ହଜାର ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ଆଗାମି ଦିନରେ ସରକାରୀ ସ୍ତରରୁ ଆର୍ଥିକ ସାହାର୍ଯ୍ୟ ମିଳିଲେ ବେଶ ଦୁଇପଇସା ରୋଜଗାର କରିବା ସହିତ ଆତ୍ମନିର୍ଭର ସିଳ ହୋଇପାରିବେ ବୋଲି ସୁପର ଭାଇଜର ଆରତୀ ସାହୁ ପ୍ରକାଶ କରିଛନ୍ତି ।

# ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ଶେଷକୃତ ସମ୍ପନ୍ନ

ବାଲିଆପାଳ,୨୧/୧( ନି ପ୍ର) ପଞ୍ଚଭୂତରେ ବିଲୀନ ହେଲେ ଜୟନାରାୟଣ ମହାନ୍ତି। ବାଲିଆପାଳର ହାସିମପୁର ଗ୍ରାମରେ ସମ୍ପନ୍ନ ହେଲା ବାଲିଆପାଳର କର୍ମବୀରଙ୍କ ଶେଷକୃତ୍ୟ। ତାଙ୍କର ବଡ ପୁଅ ସତ୍ୟକାମ ମହାନ୍ତି ଦେଇଛନ୍ତି ମୁଖାଗ୍ନି । ୨୦ ଜାନୁଆରୀ ଶନିବାର ଜୟନାରାୟଣ ଙ୍କ ପାର୍ଥିବ ଶରୀର ଭୁବନେଶ୍ୱରର ଏମସ୍ ହସ୍ପିଟାଲ ରୁ ଆସିବା ପରେ ଏକ ଶୋଭାଯାତ୍ରାରେ ବାଲେଶ୍ୱର ଜିଲ୍ଲାର ବସ୍ତା ଜଳେଶ୍ୱରରୁ ବାଲିଆପାଳ ନିଆଯାଇଥିଲା । ପରେ ଜୟନାରାୟଣ ଙ୍କ ମର ଶରୀର ହାସିମପୁର ସ୍ଥିତ ବାସଭବନକୁ ନିଆଯାଇଥିଲା ଏବଂ ସେଠାରେ ଆତ୍ମୀୟ ସ୍ୱଜନ, ଶହ ଶହ ଜୟନାରାୟଣ ପ୍ରେମୀ, ଶୁଭେଚ୍ଛୁ ଶେଷ ଦର୍ଶନ କରିଥିଲେ। ହାସିମପୁର ଗାଁ ଶ୍ମଶାନରେ ଶନିବାର ବିଳମ୍ବିତ ରାତି ଶେଷ କୃତ ସମ୍ପନ୍ନ ହୋଇଥିଲା। ଜୟନାରାୟଣ ମହାନ୍ତିଙ୍କ ବଡ ପୁଅ ସତ୍ୟକାମ ମହାନ୍ତି ମୁଖାଗ୍ନି ଦେବା ସମୟ ରେ ଉପସ୍ଥିତ ଲୋକଙ୍କ ଆଖିରୁ ଝରୁଥିଲା ଲୁହ। ଜୟନାରାୟଣ ମହାନ୍ତି ଙ୍କୁ ହରାଇ ବାଲିଆପାଳ ମାଟି ତା'ର ପ୍ରକୃତ କର୍ମବୀର କୁ ହରେଇଲା। ବାଲିଆପାଳ ମାଟି ଏକ ପ୍ରକାର ସ୍ତବ୍ଧ ହୋଇଯାଇଛି। ଅଗଣତି ଜୟନାରାୟଣ ପ୍ରେମୀଙ୍କ ମଧ୍ୟରେ ଖେଳିଯାଇଛି, ଶୋକର ଛାୟା। ଆଜି ମହାନ ଜନନେତାଙ୍କ ଉଦ୍ଦେଶ୍ୟରେ ସମଗ୍ର ବାଲିଆପାଳ ବନ୍ଦ ରହିଛି।

**AFFIDAVIT**

An affidavit before the executive Magistrate Balasore, I, A Ranjan Rao, aged about 47 yrs, Son of A.Dalayya, at- Main Street Santhabomml Mandalam, Karipeta Gramam, malagam, Srikakulam, Andhra Pradesh At present residing At- Mirjapur, P.O- Balaramgadi, P.s- Marine, Dist- Balasore Declare that my Original name is A Ranjan Rao as mentioned in all my identity and residental proof cards like, Adhar card, Bank Passbook, Pancard and others documents. But my nick name is A Dalaya Rao which has been worngly mentioned in my LIC policy No. 581923585. And also my fathers name A Dalayya has been mentioned in my Adhar Card, Lic Policy but in my Pan Card my fathers name as Dalaya Rao. So Both the name is one and same person. Henceforth I will be known as A Ranjan Rao in all purpose.

**A Ranjan Rao**

# ଜଳେଶ୍ୱର ଯୁବ ମଂଚ ପକ୍ଷରୁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା : ଭାଗନେଲେ ୨୮୪ ଶିକ୍ଷାର୍ଥୀ

ଜଳେଶ୍ୱର,୨୧/୧: ଜଳେଶ୍ୱରର ଅଗ୍ରଣୀ ଅନୁଷ୍ଠାନ ଜଳେଶ୍ୱର ଯୁବ ମଂଚ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ପିଲାମାନଙ୍କୁ ନେଇ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଆଜି ରବିବାର ଜଳେଶ୍ୱର ସରକାରୀ ଟାଉନ୍ ହାଇସ୍କୁଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଆଜି ନଗରପାଳ ପ୍ରତୀପ ପ୍ରଧାନ ଉଦ୍‌ଘାଟନ କରିଥିଲେ । ଏଥିରେ ୩ଟି ଗ୍ରୁପ୍‌ରେ ୩୦ଟି ବିଦ୍ୟାଳୟରୁ ୨୮୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏପରି କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଯୁବମଂଚର ବାର୍ଷିକ ଉତ୍ସବରେ ବିଜେତା ମାନଙ୍କୁ ପୁରସ୍କୃତ କରାଯିବ ବୋଲି ମଂଚ ପକ୍ଷରୁ କୁହାଯାଇଛି। ଯୁବ ମଂଚର ସଭାପତି ରାଜେଶ ଠକ୍କର ଓ ସଂପାଦକ ଗୋପାଳ କଟାଳଙ୍କ ତତ୍ତ୍ୱାବଧାନରେ ମୋଲଚାନ୍ଦ ଲାଡା, ସରୋଜ ପ୍ରଧାନ, ରାମନାରାୟଣ ଦାସ, ସୌମ୍ୟରଂଜନ ପାତ୍ର, ଗୋପାଳ ଠକ୍କର, ନିଲେଶ ଠକ୍କର, ସୁମିତ ରାଠି, ଆବାସ ସାହୁ, ଗୁରୁଦତ୍ତ ଦାସମହାପାତ୍ର, ମନୋଜ ପଧାନ, ପ୍ରଶାନ୍ତ ପ୍ରଧାନ, ତାପସ ପାଣିଗ୍ରାହୀ, ନିଖିଲ ରାଠୋର, ବିନୋଦ ସାହୁ, ପ୍ରକାଶ ଠକ୍କର, ଯୋଗେଶ ରାଠୀ, ଗୁରୁପ୍ରସାଦ ସାମନ୍ତ, କୁମାରେଶ ଦିନ୍ଦା, ସାର୍ଥକ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଚାଖି ଖୁଂଟିଆ ଥିଲେ ମହାନ ବିପ୍ଳବୀ ଓ ବୀରତ୍ୱର ପ୍ରତୀକ



ଭୁବନେଶ୍ୱର, ୨୧/୧ (ନି.ପ୍ର): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ମହାନ ବିପ୍ଳବୀ ସଂଗ୍ରାମୀ, ଓଡ଼ିଆ ବୀରତ୍ୱ ତଥା ସାହସିକତାର ପ୍ରତୀକ ଚାଖି ଖୁଂଟିଆଙ୍କ ୧୯୭ତମ ଜୟନ୍ତୀ ସ୍ଥାନୀୟ କଳ୍ପନା ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରି କହିଥିଲେ ଯେ, ଚାଖି ଖୁଂଟିଆ ଏକାଧାରରେ ଜଣେ ମହାନ ବିପ୍ଳବୀ, ଅସୀମ ତ୍ୟାଗ, ଅସାଧାରଣ ବ୍ୟକ୍ତିତ୍ୱ, ବଳିଷ୍ଠ ସଂଗଠକ, ସାହସିକତାର ପ୍ରତୀକ ତଥା ସମଗ୍ର ଓଡ଼ିଆଙ୍କ ବୀରତ୍ୱର ପ୍ରତୀକ। ଇଂରେଜମାନଙ୍କୁ ଦେଶରୁ ବିତାଡିତ କରିବା ପାଇଁ ତାଙ୍କର ଅଦମ୍ୟ ସାହସ ତଥା ସଂଗ୍ରାମୀ ଜୀବନ ଆଜି ବି ବହୁ ପ୍ରାସଙ୍ଗିକତା ବହନ କରେ।

# ପଥଦୁର୍ଗା ସଂସ୍କୃତ ମହାବିଦ୍ୟାଳୟରେ କବିତା ଲିଖନ ପ୍ରତିଯୋଗିତା




ଲଙ୍ଗଳେଶ୍ୱର,୨୧/୧( ନି ପ୍ର ) ପଥଦୁର୍ଗା ସଂସ୍କୃତ ମହାବିଦ୍ୟାଳୟ ସିଂଲାରେ'ନୂଆ ଓଡ଼ିଶା' କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଆଲୋଚନା ଚକ୍ରର ଦ୍ୱିତୀୟ ଦିବସରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ସଭାପତି ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବ୍ରଜକିଶୋର ଦାଶ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଶ୍ରୀ ବୀର ମାଧବ ଦାସପ୍ରତିଯୋଗିତା ସଞ୍ଚାଳନ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀ ଅର୍ଦ୍ଧେନ୍ଦୁ ଶେଖର ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀ ନିରଞ୍ଜନ ବେହେରା ଧନ୍ୟବାଦ ଜ୍ଞାପନ - ମହାବିଦ୍ୟାଳୟର (+୩) ପ୍ରଥମ ବର୍ଷ ଛାତ୍ରୀ କୁମାରୀ ପ୍ରିୟଙ୍କା। ପ୍ରଧାନମୁଖ୍ୟ ଅତିଥିଙ୍କ ଅବିଭାଷଣ - ସଂସାରରେ ସଂସ୍କୃତ ମହାନ ଓ ସର୍ବ ଜ୍ଞାନ ସମ୍ପୂର୍ଣ୍ଣ ଅଟେ । ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହେବା ପାଇଁ ନିଜ ଜ୍ଞାନ ଭାଷା ଓ ବ୍ୟବହାର ହିଁ ସର୍ବୋପରି । ଛାତ୍ର ଛାତ୍ରୀ ସେଥି ପ୍ରତି ପ୍ରୟାସରତ ହେବା ଆବଶ୍ୟକ । ପ୍ରତିଯୋଗିତାର ଫଳାଫଳ ଅନ୍ତିମ ପ୍ରତିଯୋଗିତା ପ୍ରତୀକ୍ଷାରେ ।

ଧ୍ୱନି ପ୍ରତିଧ୍ୱନି




# ଡ଼ା. ମନୋରଂଜନ ବିଧାୟକ ପ୍ରାର୍ଥି ହେବା ପ୍ରସଙ୍ଗ : ସହପାଠୀ ଜଣାଇଲେ ପୂର୍ଣ୍ଣ ସମର୍ଥନ

ଉଦଳା,୨୧/୦୧ (ନି.ପ୍ର): ଉଦଳା ଉଚ୍ଚ ବିଦ୍ୟାଳୟର ୧୯୮୬ ମସିହା ମାଟ୍ରିକ ବ୍ୟାଚ ଛାତ୍ର ମାନଙ୍କର ପ୍ରତିବର୍ଷ ଏକ ମିଳନ ପର୍ବ ଅନୁଷ୍ଠିତ ହୋଇଥାଏ । ଡ଼ା. ମନୋରଂଜନ ମଧ ଏହି ବ୍ୟାଚର ଛାତ୍ର ଥିଲେ । ତେବେ ଆଜି ଜାନୁଆରୀ ୨୧ ତାରିଖ ରବିବାର ଦିନ ଉଦଳା ଠାରେ ଏହି ବ୍ୟାଚର ମିଳନ ପର୍ବ ଚାଲିଥିବା ସମୟରେ ଡ଼ା. ମନୋରଂଜନ ମଲ୍ଲିକ ଏଥର ଉଦଳା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥି ହେବାକୁ ଯାଉଛନ୍ତି ବୋଲି ଖବର ପାଇ ସମସ୍ତ ସହପାଠୀ ତାଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇବେ ବୋଲି ମୁକ୍ତ କଣ୍ଠରେ ଘୋଷଣା କରିଥିଲେ । ପ୍ରକାଶ ଥାଉକି ଏହି ବ୍ୟାଚ ଛାତ୍ର ମାନଙ୍କର ଉଦଳା ରାଜନୀତିକୁ ପ୍ରଭାବିତ କରିବା ଭଳି ସୁନ୍ଦର ଦକ୍ଷତା ରହିଛି । ଡ଼ା. ମନୋରଂଜନ କେଉଁ ଦଳରୁ ଟିକଟ ନେବେ ତାହା ଆମର ଜାଣିବା ଦରକାର ନାହିଁ । ଏପରିକି ସେ ଯଦି ସ୍ୱାଧିନ ପ୍ରାର୍ଥି ଭାବେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାନ୍ତି ଆମେ ତାଙ୍କୁ ଭୋଟ ଦେବୁ ବୋଲି ସହପାଠୀ ମାନେ ବ୍ୟକ୍ତ କରିଥିଲେ । ଆଜିର ଏହି ମିଳନ ପର୍ବ ପରେ ଡ଼ା. ମନୋରଂଜନଙ୍କର ସମଗ୍ର ନିର୍ବାଚନି ମଣ୍ଡଳୀରେ ଏକ ପ୍ରକାର ଖୁବ ଭଲ ଦବଦବା ଥିବାର ପରିଲକ୍ଷିତ ହୋଇଛି ।



# ମାହେଶ୍ୱରୀ ଗିରିଙ୍କ 'କବିତା କୁସୁମ ମାଳା' ଉନ୍ମୋଚିତ




ବାଲିଆପାଳ,୨୧/୦୧ (ନି.ପ୍ର): ଭିନ୍ନକ୍ଷମ ମହିଳା ମାହେଶ୍ୱରୀ ଗିରି ଙ୍କ ପୁସ୍ତକ ' କବିତା କୁସୁମ ମାଳା 'ରବିବାର ବାଲିଆପାଳ ବ୍ଲକ ପଞ୍ଚୁପାଲି ସରକାରୀ ହାଇ ସ୍କୁଲ ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି ।ପ୍ରଖ୍ୟାତ ଶିଶୁ ସାହିତ୍ୟିକ କାଳି କିଙ୍କର ଦାଶ, ବାଲେଶ୍ୱର ଅଭିନନ୍ଦନ ସାପ୍ତାହିକ ଖବର କାଗଜର ସମ୍ପାଦକ ଇଂ ଜଗଦୀଶ ଚନ୍ଦ୍ର ମିଶ୍ର, ପ୍ରାକ୍ତନ ଡ଼ି ଆଇ. ସୁବାସ ଚନ୍ଦ୍ର ଚୌଧୁରୀ,ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ପ୍ରମୁଖ ପୁସ୍ତକକୁ ଲୋକାର୍ପଣ କରିଥିଲେ। ଲେଖିକା ମାହେଶ୍ୱରୀ ଗିରି ପୁସ୍ତକର ପାଠକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ ।ଏହି ଅବସରରେ ଅନୁଷ୍ଠିତ କବିତା ଆଲୋଚନା ସଭାରେ କବି ନଳିନୀ କାନ୍ତ ପାଢ଼ୀ, ସନ୍ୟାସୀ ବେହେରା, ମିନତୀ ଦେବୀ ପଣ୍ଡା, ସଂଗ୍ରାମୀ ନାରୀ ନେତ୍ରୀ ଶାରଦା ଗିରି, ସୁଭଦ୍ରା ପଟ୍ଟାୟତ, ସୌଭାଗିନୀ ମିଶ୍ର, ଗୋପାଳ କୃଷ୍ଣ ବିଶ୍ୱାଳ, ରାମ ରଞ୍ଜନ ରାଉତ, ସେକ ନିମାଜି, ବଂଶୀଧର ଗିରି, ବିଜୟ କୁମାର ପାତ୍ର, ଦିବାକର ବେହେରା, ଯୋଗେନ୍ଦ୍ର ମହାନ୍ତି, ବିଷ୍ଣୁପ୍ରିୟା ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଅଭିଯାନ କମିଟି ପକ୍ଷରୁ କବି ମାହେଶ୍ୱରୀ ଗିରିଙ୍କୁ ତାଙ୍କର ସାରସ୍ୱତ କୃତୀ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।ଯୁଗ୍ମ ସମ୍ପାଦକ ଭୀଷ୍ମ ଚରଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।ଶମ୍ଭୁନାଥ ଗିରି, ରତ୍ନାକର ଗିରି, ରମାକାନ୍ତ ପରିଜା, କାହ୍ନୁ ଚରଣ ଗିରି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ବିଶେଷ ଅବଦାନ ପାଇଁ ସୁରେନ୍ଦ୍ର ପରିଡା, ସୌଭାଗିନୀ ମିଶ୍ର, ଗୋପାଳ କୃଷ୍ଣ ବିଶ୍ୱାଳ, ସୁଭଦ୍ରା ପଟ୍ଟାୟତ, ବିଷ୍ଣୁ ପ୍ରିୟା ମହାପାତ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

# ପାଟଳିପୁରା ହାଇସ୍କୁଲରେ ଭାରତୀୟ ସୈନିକ ଦିବସ ଉପଲକ୍ଷେ 'କିଏ ହେବ ସ୍ୱାସ୍ଥ୍ୟ ରକ୍ଷକ, ଦେଶ ସେବକ' କାର୍ଯ୍ୟକ୍ରମ ଅନୁଷ୍ଠିତ




ବେତନଟୀ, ୨୧/୧ (ନି.ପ୍ର): ବେତନଟୀ ବ୍ଲକର ପାଟଳିପୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବର୍ଷ-୨୦୨୪ ଉପଲକ୍ଷେ ଭାରତୀୟ ସୈନିକ ଦିବସ ଇକୋ କ୍ଲବର ଜିଲ୍ଲା ସଂଯୋଜକ ବରିଷ୍ଠ ଶିକ୍ଷକ ଡକ୍ଟର ରମାକାନ୍ତ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଏହି ଅବସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ପ୍ରାକୃତିକ ଚିକିତ୍ସା ସଂସ୍ଥାନ ପୁନେର ସହଯୋଗରେ ଇଣ୍ଟର ନ୍ୟାସନାଲ ନେଚରପାଥି ଅର୍ଗାନାଇଜେସନ ପକ୍ଷରୁ 'କିଏ ହେବ ସ୍ୱାସ୍ଥ୍ୟ ରକ୍ଷକ ଦେଶ ସେବକ ' ଆଲୋଚନା ଚକ୍ର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏଥିରେ ମୁଖ୍ୟ ଅତିଥି ଭାବରେ ଭାରତୀୟ ସେନା ବାହିନୀରେ ହରିୟାଣାର ହିସାରଠାରେ କର୍ତ୍ତବ୍ୟରତ ଜୁନିୟର କମିଶନ ଅଫିସର ଗୁଗୁଲ ମାଧ୍ୟମରେ ଯୋଗଦାନ କରି ଦେଶର ସୁରକ୍ଷାରେ ସୈନିକ ମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ କ୍ଷ ମୁଖ୍ୟ ବକ୍ତାଭାବରେ ଅଲ ଇଣ୍ଡିଆ ଇନ୍ସଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ନୂଆ ଦିଲ୍ଲୀରେ ଯୋଗ,ପ୍ରାକୃତିକଚିକିତ୍ସା ଓ ପୁଷ୍ଟିକର ଖାଦ୍ୟ ବିଶେଷଜ୍ଞ ଭାବରେ କାର୍ଯ୍ୟରତ ଡାକ୍ତର ସୁଜାତା ପଣ୍ଡା ଯୋଗଦାନକରି ଛାତ୍ର ଛାତ୍ରୀ ମାନଙ୍କର ଶାରୀରିକ ମାନସିକ ବୌଦ୍ଧିକ ଏବଂ ସ୍ମରଣ ଶକ୍ତି ବିକାଶରେ ପୁଷ୍ଟିକର,ଖାଦ୍ୟ ଯୋଗ ଏବଂପ୍ରାକୃତିକ ଚିକିତ୍ସାର ଉପାଦେୟତା ବିଷୟରେ ଆଲୋକପାତ କରି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା କିଏ ହେବ ସ୍ୱାସ୍ଥ୍ୟ ରକ୍ଷକ, ଦେଶ ସେବକ ପରୀକ୍ଷାରେ ପାସ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ କ୍ଷ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ଼କ୍ଟର ରମାକାନ୍ତ ମହାନ୍ତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସ୍ୱାସ୍ଥ୍ୟ ରକ୍ଷକ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ କ୍ଷଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି,କାଞ୍ଚନମାଳା ଜେନା, ରିତାରାଣୀ ଦାସ, ଶିକ୍ଷକ ଚତୁର୍ଭୁଜ ମଲ୍ଲିକ, ଗିରିଜା ଶଙ୍କର ମାହାର୍ଣ୍ଣାଙ୍କ ସମେତ ସମସ୍ତ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବଡ଼ସାହିର କମ୍ବଳ ବିତରଣ



ବଡ଼ସାହି,୨୧/୦୧ (ନି.ପ୍ର): ସାମାଜିକ ସେବା ପ୍ରତି ସମର୍ପିତ ତଥା ସଦା ସକ୍ରିୟ ସ୍ଥାନୀୟ ସଂଗଠନ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବଡ଼ସାହି ସୌଜନ୍ୟରୁ ପ୍ରତି ବର୍ଷ ପରି ଏ ବର୍ଷ ମଧ ଏକ କମ୍ବଳ ବିତରଣ କାର୍ଯ୍ୟକ୍ରମ ସଂଘର ସଭାପତି ଶ୍ରୀଯୁକ୍ତ ରଣଜିତ୍ କୁମାର ଦାସଙ୍କ ସଭାପତିତ୍ୱରେ ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଛେଳିଆ କ ଗ୍ରାମରେ ଅନୁଷ୍ଠିତ ହୋଇଅଛି । ପ୍ରଥମ ପର୍ଯ୍ୟାୟରେ ଏହି ଶିବିରରେ ଛେଳିଆ କ, ବିଦ୍ୟାଧରପୁର, ଭଦଡା, ବେଢ଼ାପାଳ, ଚାନ୍ଦଡିହା, ତୀରପଦା ଆଦି ଗ୍ରାମର ପୂର୍ବରୁ ଚିହ୍ନଟ କରାଯାଇଥିବା ୩୫ଜଣ ନିଃସ୍ୱ, ଅସହାୟ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ, ବିଧବା, ଶଯ୍ୟାଶାୟୀ ରୋଗୀ ମାନଙ୍କୁ କମ୍ବଳ ବିତରଣ କରାଯାଇଅଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ତାଳପଦା ଏବଂ ଶେଷରେ ବଡ଼ସାହିଠାରେ ଅନୁଷ୍ଠିତ ହୋଇ ଅନ୍ୟୂନ ୧୦୦ଜଣଙ୍କୁ କମ୍ବଳ ବିତରଣ କରାଯିବ ବୋଲି ସଂଘର ମୁଖପାତ୍ରଙ୍କଠାରୁ ପ୍ରକାଶ ।ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ସନ୍ତୋଷ କୁମାର ବେହେରା, ଉପଦେଷ୍ଟା ତଥା ରାଜ୍ୟ ଜୋନାଲ୍ ସଂଗଠନ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, କୋଷାଧକ୍ଷ ଯୋଗେଶ୍ୱର ମିଶ୍ର, ସଂଗଠନ ସମ୍ପାଦକ ଭଗବାନ ବିଶ୍ୱାଳ, ହିସାବ ରକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ଅନ୍ୟତମ ସଦସ୍ୟ ବିରଞ୍ଚି ନାରାୟଣ ପତି, ଲକ୍ଷ୍ମୀଧର ସାତୁଆ, ବୃନ୍ଦାବନ ବିଶ୍ୱାଳ, ପ୍ରଫୁଲ୍ଲ ଚନ୍ଦ୍ର ପରିଡ଼ା, ରତିକାନ୍ତ ବାରିକ ପ୍ରମୁଖ ଯୋଗ ଦେଇ କମ୍ବଳ ବିତରଣରେ ସହଯୋଗ କରିଥିଲେ। ସଦସ୍ୟ ଶଙ୍କର୍ଷଣ ଛାଟିଆ ବିଶେଷ ଭାବେ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଘର ମୁଖପାତ୍ର ତଥା ସଂଯୋଜକ ଶଚୀନ୍ଦ୍ର କୁମାର ବିଶ୍ୱାଳ ପରିଚାଳନା କରିଥିଲେ। ନିଜ ନିଜର ପେନସନ୍‌ରୁ ଚାନ୍ଦା ଦେଇ ସଂଘର ସଦସ୍ୟ ସଦସ୍ୟାମାନଙ୍କ ଦ୍ୱାରା ଲୋକମାନଙ୍କ ହିତରେ ଏତାଦୃଶ ସାମାଜିକ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ଆଖପାଖ ଗ୍ରାମର ଜନସାଧାରଣ ଧନ୍ୟବାଦ ପ୍ରଦାନ ସହ ଭୂରି ଭୂରି ପ୍ରଶଂସା କରିଅଛନ୍ତି।

# କୃପାକ୍ଷେତ୍ରରେ ଭବ୍ୟ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ବସ୍ତା,୨୧/୦୧ (ନି.ପ୍ର): ଇଡିଦା ପଞ୍ଚାୟତ ଅନ୍ତର୍ଗତ ନାରଗୋଦା ଗ୍ରାମରେ କୃପାକ୍ଷେତ୍ରରେ ଭବ୍ୟ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଗତ ୧୯ ତାରିଖରୁ ଏହି ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଭାଗବତ ଆଲୋଚନା ଚକ୍ରର ଶୁଭାରମ୍ଭ ହେବା ପରେ ୨୦ ତାରିଖ ରେ ଆଜ୍ଞାମାଳ ପ୍ରବେଶ ଓ ଅଙ୍କୁରରୋପଣ ଅନୁଷ୍ଠିତ ହୋଇ ଥିଲା, ଏହି ଅବସର ରେ ଆଜି ପ୍ରତ୍ୟୁଷରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ମହିଳା ମାନଙ୍କ ଦ୍ୱାରା ବିଶାଳ ଶୁଭ କଳସ ଶୋଭାଯାତ୍ରା ପରେ ଯଜ୍ଞକର୍ମାରମ୍ଭ ଅନୁଷ୍ଠିତ ହୋଇ ଥିଲା, ଚକୁରାଇ ସ୍ଥିତ ଜଳକା ନଦୀରୁ ପାଣି ଉଠାଇ ଶ୍ରଦ୍ଧାଳୁ ମାନେ ଦୁଇ କିଲୋମିଟର ବ୍ୟାପି କଳସ ଶୋଭାଯାତ୍ରା କରି ମନ୍ଦିର ପର୍ଯ୍ୟନ୍ତ ଆସି ଥିଲେ, ଦୀର୍ଘ ୭ ଦିନ ବ୍ୟାପି ବିଭିନ୍ନ ଆଧ୍ୟାତ୍ମିକ ଯଜ୍ଞକର୍ମ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ୨୪ ତାରିଖ ରେ ପୂର୍ଣ୍ଣାହୂତି ଏବଂ ୨୦ ହଜାର ଶ୍ରଦ୍ଧାଳୁ ମାନଙ୍କ ପାଂଇ ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଛି, ଏହି ଅବସରରେ ଅନୁଷ୍ଠିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବିଶ୍ୱ ଭଗବତ ପ୍ରେମୀ ବଳିଆ ବାବା, ଆର୍ଯ୍ୟ କବି ଡକ୍ଟର ପ୍ରମୋଦ କୁମାର ମିଶ୍ର, ଦ୍ୱିତୀୟ ଶ୍ରୀକ୍ଷେତ୍ର ନିଳଗିରୀର ମହାରାଜା ଶ୍ରୀଯୁକ୍ତ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ, ମହାରାଣୀ ଶ୍ରୀମୟୀ ମନୋସ୍ୱିନୀ ମନଜା ମଞ୍ଜରୀ ଦେବୀଙ୍କ ଯୋଗଦେବାର କାର୍ଯ୍ୟକ୍ରମ ରହିଛି, ଏହି କୃପାକ୍ଷେତ୍ର ପରିସରରେ ରାଧାକୃଷ୍ଣ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ଲକ୍ଷ୍ମୀ, ବିମଳା, ଗଣେଷ, ସରସ୍ୱତୀ, ଶିଶୁ ଅନନ୍ତ, ଶନି ଦେବ, ହନୁମାନ ମନ୍ଦିର ସମେତ ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା କରା ଯାଇଛି, ଏହି ପ୍ରତିଷ୍ଠା ଉତ୍ସବର ମୁଖ୍ୟ ପୁରୋଧା ଶମ୍ଭୁନାଥ ସାହୁଙ୍କ ନେତୃତ୍ୱରେ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଦେବୀ ପ୍ରସାଦ ଭଞ୍ଜ, ମନ୍ଦିର କମିଟିର ସଦସ୍ୟ ଜଳଧର ସେଠୀ, ନିଲୁ ବେହେରା, ବୃନ୍ଦାବନ ସାହୁ, ପରମାନନ୍ଦ, ଅରୁଣ ସେଠୀ,ଦିଲ୍ଲୀପ ସାହୁ, ନକୁଳ ପାତ୍ର, ବିଜୟ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିବା ବେଳେ ମନ୍ଦିରର ପୂଜକ ବିଶ୍ୱରଞ୍ଜନ ହୋତା, ଯଜ୍ଞ ମଣ୍ଡାପର ପ୍ରଧାନ ଆଚାର୍ଯ୍ୟ ଭାବରେ ଚନ୍ଦନ କୁମାର ମହାପାତ୍ର, ସରୋଜ କୁମାର ବ୍ରହ୍ମାଙ୍କ ସମେତ ୨୫ ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ସହଯୋଗ କରିଥିଲେ ।

# ଜାନୁୟାରୀ ୨୫ ରୁ ୨୯, ନେହେରୁ ଷ୍ଟାଡ଼ିୟମ୍‌ରେ ଜିଲ୍ଲା ମହୋତ୍ସବ 'ଭଦ୍ରାୟଣୀ' ପଲ୍ଲିଶ୍ରୀ ମେଳା : କୃଷିଯନ୍ତ୍ରପାତି ମେଳା ପାଇଁ ୨୨୦ ଷ୍ଟଲ

## ଜିଲ୍ଲା, ଅନ୍ୟ ଜିଲ୍ଲା, ଅନ୍ୟ ରାଜ୍ୟ କଳାକାରଙ୍କୁ ନେଇ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମ



ଭଦ୍ରକ,୨୧/୦୧ (ନି.ପ୍ର): ଗତ ବର୍ଷ ପରି ଚଳିତ ବର୍ଷ ମଧ ଭଦ୍ରକ ଜିଲ୍ଲା ମହୋତ୍ସବ 'ଭଦ୍ରାୟଣୀ' ଖୁବ୍ ଆକର୍ଷଣୀୟ ଢଙ୍ଗରେ ପାଳନ କରାଯିବା ନେଇ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଅତିରିକ୍ତ ଏସ୍.ପି. ବାମଦେବ ସିଂ ପ୍ରମୁଖଙ୍କ ସହ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ମହୋତ୍ସବ ଆୟୋଜନ ଓ ପରିଚାଳନା ଦିଗରେ ଗତବର୍ଷ ଦେଖାଯାଇଥିବା ଅଭାବ, ଅସୁବିଧା ବିଶେଷ କରି ବୃହତ୍ ଜନସମାବେଶ ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ସୁଧାର ପାଇଁ ଉଚିତ୍ ପଦକ୍ଷେପ ନିଆଯିବା ନେଇ ବିଚାର ବିମର୍ଷ କରାଯାଇଥିଲା। ବୈଠକରେ ଉପସ୍ଥିତ ସିଟି.ଡ଼ି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ, ଡି.ଏସ୍.ପି.ଡ଼ି.ଆଇ.ବି କମଳ ଲୋଚନ ଭୂୟାଁ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଡି.ପି.ଏମ୍.ଓ.ଏଲ.ଏମ୍ ସଞ୍ଜୟ କୁମାର ବାରିକ୍ ମତାମତ ପ୍ରଦାନ କରିଥିଲେ। ସୁଦୃଢ଼ ବ୍ୟାରିକେଡ୍ ବ୍ୟବସ୍ଥା, ଦିନକୁ ୨ ଥର ସକାଳେ ଓ ସନ୍ଧ୍ୟାରେ ସଫେଇ, ଖାଦ୍ୟମେଳା ପାଇଁ ସ୍ୱତନ୍ତ୍ର ଜୋନ୍, ଅଗ୍ନି ନିରାପତ୍ତା, ଷ୍ଟଲ ଗୁଡ଼ିକର ସୁରକ୍ଷା ବ୍ୟବସ୍ଥା, ଅତ୍ୟାବଶ୍ୟକ ସେବା ଯୋଗାଣ, ଅତିଥି ଓ ପ୍ରଶାସନିକ ଅଧିକାରୀ ମାନଙ୍କ ଚାରିଚକିଆ ଯାନ ପ୍ରବେଶ ଓ ପାର୍କିଂ ପାଇଁ ସୀମିତ ପାସ୍ ବ୍ୟବସ୍ଥା, ଅପରାହ୍ଣ ୩ ଘଟିକାରୁ ପୂର୍ବରୁ ନିର୍ଦ୍ଧାରିତ ଆଞ୍ଚଳିକ ସାଂସ୍କୃତିକ ଦଳ, ସ୍କୁଲ କଲେଜର ସାଂସ୍କୃତିକ ଦଳର ଦଳଗତ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭ ଆଦି ବିଷୟ ସମ୍ବନ୍ଧରେ ସବିଶେଷ ସମୀକ୍ଷା କରାଯାଇଥିଲା। ପ୍ରକାଶ ଥାଉକି ସରକାରୀ ଯୋଜନାରେ ସବ୍‌ସିଡ଼ି ଯୁକ୍ତ ବିଭିନ୍ନ କୃଷି ଯନ୍ତ୍ରପାତି ବିକ୍ରୟ ଓ ଋଣ ଜରିଆରେ ପ୍ରଦାନ ଉପଲକ୍ଷେ ସ୍ୱତନ୍ତ୍ର ଭାବେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ୪୦ଟି ଷ୍ଟଲରେ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯିବ। ସେହିପରି ସ୍ୱୟଂ ସହାୟକ ମହିଳା ମାନଙ୍କ ଦ୍ୱାରା ଉତ୍ପାଦ ବସ୍ତୁର ବିପଣି ଓ ପ୍ରୋତ୍ସାହନ ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରୁ ଅଂଶ ଗ୍ରହଣ କରିବାକୁ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ପାଇଁ ୧୨୦ଟି ଷ୍ଟଲ ପ୍ରସ୍ତୁତ କରାଯିବ। ତେବେ ଭଦ୍ରାୟଣୀ ୨୦୨୪ ରେ ପଲ୍ଲିଶ୍ରୀ ମେଳା, ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ ଅନ୍ୟାନ୍ୟ ମିଶି ସମୁଦାୟ ୨୨୦ ଟି ଷ୍ଟଲ ପ୍ରଦର୍ଶନ କରାଯିବା ନେଇ ସୂଚନା ପ୍ରଦାନ କରାଯାଇଛି। ଆଞ୍ଚଳିକ ପ୍ରତିଭା ମାନଙ୍କ କାର୍ଯ୍ୟକ୍ରମ ସହ ଓଲିଉଡ୍, ବଲିଉଡ୍ ର ନାମୀଦାମୀ କଳାକାର ମାନଙ୍କୁ ନେଇ ପ୍ରତିଦିନ ଆକର୍ଷଣୀୟ ରଙ୍ଗାରଙ୍ଗ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୫ ଦିନ ଧରି ଚାଲିବାକୁ ଥିବା ଏହି ଜିଲ୍ଲା ମହୋତ୍ସବର ବିଭିନ୍ନ ସନ୍ଧ୍ୟାରେ ମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ସମେତ ଅନ୍ୟ ଜନପ୍ରତିନିଧି ଜିଲ୍ଲା ପ୍ରଶାସନିକ ଅଧିକାରୀମାନଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯିବା ନେଇ ମଧ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଉଛି। ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେଉଥିବା ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ଶାନ୍ତି ଶୃଙ୍ଖଳାର ସହିତ ସମାହିତ ହେବା ସହ ବିରାଟ ସଫଳତା ଲାଭ କରିବା ଦିଗରେ ଅଧିକରୁ ଅଧିକ ଜନ ସାଧାରଣ ସାମିଲ ହୋଇ ସହଯୋଗ କରିବା ନେଇ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି।

# '୫ ଟି' ପ୍ରକ୍ରିୟାରେ ସାମିଲ ସ୍କୁଲ ଗୁଡିକର ଜିଲ୍ଲାସ୍ତରୀୟ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବେତନଟୀ,୨୧/୧/୨୪ ବୈଶିଙ୍ଗା ଥାନା ଅଧୀନ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱ କଳମାସ୍ଥିତ ଏସଏସଡି ବାଳିକା ହାଇସ୍କୁଲରେ ଆୟୋଜିତ ୫ ଟି ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ ସ୍କୁଲ ଗୁଡିକର ଜିଲ୍ଲାସ୍ତରୀୟ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ତଥା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସମେତ ସ୍କୁଲଛାତ୍ରୀ। ଚତୁର୍ଥପର୍ଯ୍ୟାୟ ରୂପାନ୍ତରିକରଣ ପ୍ରକ୍ରିୟାରେ ସାମିଲ ହୋଇଥିବା ବେତନଟୀ ବ୍ଲକର ୯ ଗୋଟି ହାଇସ୍କୁଲ ସମେତ ଜିଲ୍ଲାର ମୋଟ ୧୦୫ ଗୋଟି ହାଇସ୍କୁଲର ଆଜି ଭରଚୁଆଲ ମୋଡ଼ରେ ଶୁଭ ଲୋକାର୍ପଣ କଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଡ଼ିଓ ନିର୍ଲିପ୍ତା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଶୁଭ ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ବ୍ଲକଶିକ୍ଷା ଅଧିକାରୀ ବିପ୍ଳବ କରଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ପଦାଧିକାରୀ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ହାଇସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ୫ ଟି ରୂପାନ୍ତରଣରେ ହାଇସ୍କୁଲ ଗୁଡିକରେ ଶୈକ୍ଷିକ ବାତାବରଣ ଗଠନମୂଳକ ପରିବର୍ତ୍ତନ ହୋଇପାରିଛି ସେନେଇ ଛାତ୍ରୀ ଜଣକ ନିଜର ବକ୍ତବ୍ୟ ରଖିଥିଲେ । ପରିଚାଳନାରେ ବ୍ଲକର ଅନ୍ୟାନ୍ୟ କର୍ମଚାରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ ।

# ସେବା ହିଁ ଧର୍ମ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବଡ଼ଚଣା,୨୧/୦୧ (ନି.ପ୍ର): ସେବା ହିଁ ଧର୍ମ ସ୍ୱେଚ୍ଛାସେବୀ ସଂଗଠନ ତାର ତୃତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଉକ୍ତ ଶିବିରରେ ବଡ଼ଚଣା ଥାନା ଅଧିକାରୀ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାତ୍ର ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍ଘାଟନ କରିଥିଲେ ।ଉକ୍ତ ଶିବିରରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଶ୍ରୀଯୁକ୍ତ ରଶ୍ମିରଞ୍ଜନ ପଶାୟତ, ଜାହ୍ନଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ସଂଗଠନ ର ଉପଦେଷ୍ଟା ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ଦାସ ମହୋଦୟା, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦୈତାରୀ ମାଲିକ ମହୋଦୟ, ପୂର୍ବତନ ସରପଞ୍ଚ ତଥା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଦୁଃଶାସନ ସ୍ୱାଇଁ ମହୋଦୟ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ସୁଧାଂଶୁ ବେହେରା ମହୋଦୟ , ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରର ଅଧକ୍ଷ ଶ୍ରୀଯୁକ୍ତ କେଦାର ସଡଙ୍ଗି ଏବଂ ବିଶିଷ୍ଟ ସମାଜସେବୀ ପ୍ରମୋଦ ବାଗ ମହୋଦୟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରୀଯୁକ୍ତ ପାତ୍ର ରକ୍ତଦାନର ମହାନତା ବିଷୟରେ ଆଲୋଚନା କରିଥିବାବେଳେ ଶ୍ରୀଯୁକ୍ତ ପ୍ରସାୟତ୍ ରକ୍ତଦାନ ର ଉପକାରିତା ବିଷୟରେ ଆଲୋଚନା କରିଥିଲେ ।ସକାଳ ୯ ଘଟିକା ସମୟରୁ ଶିବିର ଉଦ୍ଘାଟନ ହୋଇ ପ୍ରାୟ ୨.୩୦ଘଟିକା ସମୟରେ ଉଦଯାପିତ ହେଇଥିଲା। ପ୍ରବଳ ବର୍ଷା ସାଂଗକୁ କୋହଲା ପାଗକୁ ଖାତିର ନକରି ରକ୍ତ ଦାତା/ଦାତ୍ରି ମାନଙ୍କ ଭିଡ଼ ଲାଗିଥିଲା ରକ୍ତଦାନ ଶିବିରରେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ଭଗ୍ୟଧର ସାମଲ ରକ୍ତଦାନ ଶୁଭାରମ୍ଭ କରିଥିଲେ ।ଉକ୍ତ ଶିବିରରୁ ପ୍ରାୟ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ସେଥିମଧ୍ୟରୁ ପ୍ରାୟ ୧୧ ଜଣ ମହିଳା ଦାତ୍ରୀ ଥିଲେ। ଯାଜପୁର ରକ୍ତ ଭଣ୍ଡାର ଅଧିକାରୀ ଶ୍ରୀଯୁକ୍ତ ପାର୍ଥସାରଥୀ ପୁହାଣ ଏବଂ ସହଯୋଗୀ, ସଂଗଠନର ନିୟମିତ ରକ୍ତଦାନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ପୂର୍ବକ ଧନ୍ୟବାଦ୍ ମଧ ଦେଇଥିଲେ। ସଂଗଠନ ତରଫରୁ ନୂଆଗାଁ ସ୍କୁଲର ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ପ୍ରକାଶ ବେହେରା ମହୋଦୟ ଶ୍ରୀଯୁକ୍ତ ପୁହାଣ ଙ୍କୁ ତାଙ୍କର ନିଷ୍ଠାପର ସେବା, ଅନୁଷ୍ଠାନ ପ୍ରତି ଆତ୍ମୀୟତା ଭାବ, ସଦ୍‌ଉପଯୋଗୀ, କର୍ତ୍ତବ୍ୟ ନିଷ୍ଠତା, ସମୟାନୁବର୍ତ୍ତିତା ମନଭାବପାଇଁ ମାନକ ପତ୍ର ସହିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାଶିକ୍ଷକ, ସହକାରୀ ଶିକ୍ଷକ, ସମସ୍ତ କର୍ମଚାରୀ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ସହଯୋଗ ପାଇଁ ଅନୁଷ୍ଠାନ ର ମୁଖ୍ୟ ଶ୍ରୀଯୁକ୍ତ ଘନଶ୍ୟାମ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରଦୀପ୍ତ, କଳ୍ପନା ଦିଦି ଏବଂ ଅନ୍ୟାନ୍ୟ ସଦସ୍ୟ ସଦସ୍ୟାଙ୍କ ଅକ୍ଳାନ୍ତ ପରିଶ୍ରମ ତଥା ଉଦ୍‌ଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସମ୍ପାଦନ ହେଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo